# ବୈଦ୍ୟନାଥପୁର ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ବ୍ରହ୍ମପୁର, ୧୭ ।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହି ଅବସରରେ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ରବିବାର ମଧ୍ୟାହ୍ନରେ ଅଶୋକନଗର, କମାପଲ୍ଲୀ, କୋର୍ଟପେଟା, ଶାସ୍ତ୍ରୀନଗର, ଗୋଇଲୁଣ୍ଡି ସମେତ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି । ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା, ବହୁ ଥାନା କର୍ମଚାରୀ ୨ପ୍ଲାଟୁନ ଏପିଆର ପୁଲିସ ଓ ୨ପ୍ଲାଟୁନ ବିଏସଏଫ ଯବାନ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ । ଏଥିରେ ଲୋକମାନେ ଭୟଭୀତ ନହୋଇ ବରଂ ନିଜ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ପକ୍ଷରୁ ସଚେତନ କରାଯାଇଥିଲା । ଆଗକୁ ମଧ୍ୟ ଜିଲ୍ଲାର ବିଭିନ୍ନ ଥାନା ଇଲାକାରେ ଏଭଳି ଫ୍ଲାଗମାର୍ଚ୍ଚ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି । ନିର୍ବାଚନ ସମୟରେ ଅପରାଧିଙ୍କ ଗତିବିଧି ଓ କାର୍ଯ୍ୟକଳାପରେ ରୋକ୍ ଲଗାଇବାରେ ଏହା ସହାୟକ ହେବ । ସେହିପରି ଏହାଦ୍ୱାରା ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ନାରୀଶକ୍ତି ସମ୍ମାନ କାର୍ଯ୍ୟକ୍ରମ



**ବ୍ରହ୍ମପୁର, ୧୭ ।୩ (ସମିସ):** ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଗଞ୍ଜାମ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ନାରୀଶକ୍ତି ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଜାନନ୍ଦ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ସଭାପତି ଡ଼ା. ସୁବାସ ସାହୁ, ଡ଼. ସନ୍ଧ୍ୟାରାଣୀ ତ୍ରିପାଠୀ, କର୍ପୋରେଟର ବନିତା ସାହୁ, ମହିଳା ମୋର୍ଚ୍ଚା ପ୍ରଭାରୀ ଦେବଦତ୍ତ ମହାରାଜ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଉଦ୍ୟୋଗୀ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରଶ୍ମିତା ଦଳେଇ, ସାଧାରଣ ସମ୍ପାଦିକା ବର୍ଷା ବିଦୁସ୍ମିତା, ମୋନିକା ପ୍ରହରାଜ, ମନିତା ଦାସ, ଆଶା ଦାସ, ରଞ୍ଜିତା ଡାକୁଆ ଓ ଗୀତା ଦାସ ପରିଚାଳନା କରିଥିଲେ ।

# କୃଷି ଉପଦେଷ୍ଟା ପଦବୀରୁ ରାମଚନ୍ଦ୍ର ପଣ୍ଡାଙ୍କ ଇସ୍ତଫା

**ବ୍ରହ୍ମପୁର, ୧୭ ।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସହ ଆଚରଣ ବିଧି ଲାଗୁ ପରେ ରାଜ୍ୟ କୃଷି ବିଭାଗ ଉପଦେଷ୍ଟା ପଦବୀରୁ ରାମଚନ୍ଦ୍ର ପଣ୍ଡା ଇସ୍ତଫା ଦେଇଛନ୍ତି । ବିଗତ ଦିନମାନଙ୍କରେ ଓସମା ବୋର୍ଡ ଓ କୃଷି ବିଭାଗର ଉପଦେଷ୍ଟା ଭଳି ସେ ଗୁରୁଦାୟିତ୍ୱ ବହନ କରିଥିଲେ । ଏଥିପାଇଁ ଶ୍ରୀପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ନିଜ କାର୍ଯ୍ୟକାଳରେ ସେ ୬୫ଟି କ୍ଷେତ୍ର ପରିଦର୍ଶନ କରି ତାହାର ରିପୋର୍ଟ ମଧ୍ୟ ପ୍ରଦାନ କରିଛନ୍ତି । ଦାୟିତ୍ୱ ତୁଲାଇବା ପାଇଁ ତାଙ୍କୁ ବିଭାଗୀୟ ପ୍ରମୁଖ ସଚିବ ଓ ଅନ୍ୟ ଅଧିକାରୀମାନେ ସହଯୋଗ କରିଥିବାରୁ ଶ୍ରୀ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି । ପୂର୍ବରୁ ଶ୍ରୀ ପଣ୍ଡା ଯୋଜନା ବୋର୍ଡ ସଦସ୍ୟ ଥିବାବେଳେ ୨୦୧୯ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ସମୟରେ ନିଜର ଇସ୍ତଫା ପତ୍ର ପ୍ରଦାନ କରିଥିଲେ ।

### ବିଏମ୍‌ସିର ମାଗଣା 'ସିଟି-ୱାଇଫାଇ' ସେବା

# ୫ ବର୍ଷ ଧରି ଉପଲବ୍ଧ, ଅବଗତ ନୁହଁନ୍ତି ସହରବାସୀ

**ବ୍ରହ୍ମପୁର, ୧୭ ।୩(ସମିସ)**

ଲୋକଙ୍କ ସମସ୍ୟାର ସମାଧାନ କରିବା ଓ ଉତ୍ତମ ସେବା ପ୍ରଦାନ କରିବା ଯେକୌଣସି ପୌରସଂସ୍ଥାର ଦାୟିତ୍ୱ ଓ କର୍ତ୍ତବ୍ୟ । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ପକ୍ଷରୁ ସହରବାସୀଙ୍କ ପାଇଁ ବହୁ ଲୋକାଭିମୁଖୀ କାର୍ଯ୍ୟ ହାତକୁ ନିଆଯାଇଛି । ଏହାଦ୍ୱାରା ବହୁଲୋକ ଉପକୃତ ମଧ୍ୟ ହେଉଛନ୍ତି । ଏଥିପାଇଁ ପାଣି ଭଳି କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି । ତେବେ ସବୁଠାରୁ ଚିନ୍ତା ଓ ପରିତାପର ବିଷୟ ହେଉଛି କୋଟି କୋଟି ଟଙ୍କା ଖର୍ଚ୍ଚ କରି ବର୍ଷ ବର୍ଷ ଧରି ବିଭିନ୍ନ ସେବା କାର୍ଯ୍ୟକାରୀ କରାଯାଉଥିଲେ ହେଁ ସେ ସମ୍ପର୍କରେ ସହରବାସୀ ଅବଗତ ନହେବା । ଯେ' ୨୦୧୮ ମସିହାରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିଗମ ପରିସର ସମେତ ସହରରେ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ୧କୋଟି ଟଙ୍କା ବିନିଯୋଗରେ ମାଗଣା ୱାଇଫାଇ ସେବା ଆରମ୍ଭ କରାଯାଇଥିଲା । ତେବେ ମାଗଣା ସିଟି ୱାଇଫାଇ ସମ୍ପର୍କରେ ଦିର୍ଘ ୫ବର୍ଷ ଅତିବାହିତ ହୋଇସାରିଥିଲେ ହେଁ ସହରବାସୀ ପ୍ରାୟତଃ ଅବଗତ ନାହାନ୍ତି । ଫଳରେ ଏହି ସେବାକୁ କ୍ୱଚିତ ବା କାଁ ଭାଁ କେହି ବ୍ୟବହାର କରୁଥିବେ । କିନ୍ତୁ ଏଥିପାଇଁ ତ୍ରୟମାସିକ ଭାବେ ୯ଲକ୍ଷ ହିସାବରେ ବାର୍ଷିକ ଏହାର ପରିଚାଳନା ଓ ମେଣ୍ଟେନାନ୍ସ ପାଇଁ ବିଏମସି ନିଜ ପାଣ୍ଠିରୁ ୩୬ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡ଼ିଛି ।

### ବିନିଯୋଗ ହୋଇଛି କୋଟିଏ ଟଙ୍କା, ବାର୍ଷିକ ଖର୍ଚ୍ଚ ୩୬ଲକ୍ଷ

### ଦୈନିକ ୩୦୦ ଏମ୍‌ବିପିଏସ୍ ସ୍ପିଡ୍‌ର ମାଗଣା ୱାଇଫାଇ

### ମେୟର ଓ କର୍ପୋରେଟରଙ୍କ ନିକଟରେ ନାହିଁ ବିଏମ୍‌ସି କ୍ୟାମ୍ପସର 'ପାସ୍‌ୱାର୍ଡ'

### ବହୁଳ ବ୍ୟବହାର ପାଇଁ ଲାଗିବ ସୂଚନାଫଳକ : ମେୟର





କେବଳ ଏତିକି ନୁହେଁ ଏଭଳି ସେବା ସମ୍ପର୍କରେ ଖୋଦ୍ ନିଗମର ମେୟର ଓ ନିର୍ବାଚିତ କର୍ପୋରେଟର ନଜାଣିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏଭଳି ଘଟଣା ଘଟିଛି ବ୍ରହ୍ମପୁର ମହାନଗର ନିଗମରେ । ଏଭଳି ଘଟଣାକୁ ଦିର୍ଘ ୫ବର୍ଷ ବିତିଯାଇଥିବା ବେଳେ ଅଧିକାଂଶ ସହରବାସୀ ଏନେଇ ଅବଗତ ନଥିବା ଜଣାପଡ଼ିଛି । ସେହିଭଳି ନବ ନିର୍ବାଚିତ ପରିଷଦକୁ ଇତି ମଧ୍ୟରେ ଦୁଇ ବର୍ଷ ବିତିସାରିଥିଲେ ହେଁ ଏନେଇ କୌଣସି କର୍ପୋରେଟର ମଧ୍ୟ ଜାଣିନଥିବା ଜଣାପଡ଼ିଛି । ଗତ କାଉନସିଲ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ସହ ବୈଠକରେ ତୁମୁଳକାଣ୍ଡ ହୋଇଥିଲା । ସୂଚନାଯୋଗ୍ୟ ଯେ ଫଳରେ ୧କୋଟି ବିନିଯୋଗରେ ଆରମ୍ଭ ହୋଇଥିବା ୱାଇଫାଇ ସେବା ପାଇଁ ୫ବର୍ଷରେ ପରିଚାଳନା ପାଇଁ ଏକ ସଂସ୍ଥାକୁ ୧କୋଟି ୮୦ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଛି । ଯାହାକୁ ନେଇ ଗତ କର୍ପୋରେସନ ବୈଠକରେ ହୋହାଲ୍ଲା ହୋଇଥିଲା । ଏପରିକି ମାଗଣା ୱାଇଫାଇ ଥିବା ସତ୍ତ୍ୱେ ଏକକାଳୀନ ଇଣ୍ଟରନେଟ ବାବଦରେ ମଧ୍ୟ ବିଲ ପୈଠ ହେଉଥିବା ଭଳି ଘଟଣା ପଦାକୁ ଆସିଥିଲା । ଫଳରେ ଏଥିରେ ଦୁର୍ନିତିର ଗନ୍ଧକୁ ବାରିଥିଲେ କର୍ପୋରେଟରମାନେ । ବିଏମସି ପକ୍ଷରୁ ଭୁବନେଶ୍ୱରର ୱିଫି ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ ଗତ ୨୦୧୮ ମସିହାରେ ୩ବର୍ଷ ପାଇଁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା । ୩ବର୍ଷର ସମୟସୀମା ଶେଷ ପରେ ପୁଣି ଅଧିକ ୩ବର୍ଷ ପାଇଁ ଉକ୍ତ ସଂସ୍ଥାକୁ ଟେଣ୍ଡର ଜରିଆରେ ଦାୟିତ୍ୱ ମିଳିଥିବା ଜଣାପଡ଼ିଛି । ଏୟାରଟେଲ ଓ ଭୋଡାଫୋନ ଭଳି କମ୍ପାନୀ ଠାରୁ ଉକ୍ତ ସଂସ୍ଥା ଜରିଆରେ ଦୈନିକ ୩ଶହ ଏମବିପିଏସ (୧:୧) ଅନୁପାତରେ ହାଇସ୍ପିଡବେଣ୍ଡୱିଥର ଲିଜଲାଇନ ନିଆଯାଇଥିବା ଜଣାପଡ଼ିଛି । ସହରର ଖଲ୍ଲିକୋଟ କଲେଜ ଛକ ଠାରୁ ଆରମ୍ଭ କରି ପିଭିଏନ ରାଓ ପେଟ୍ରୋଲପମ୍ପ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ଅନ୍ନପୂର୍ଣ୍ଣା ଛକ, ଗିରିଜା ଛକ ଏହିଭଳି ପ୍ରମୁଖ ଛକମାନଙ୍କରେ ମାଗଣା ତଥା ହାଇସ୍ପିଡ ୱାଇଫାଇର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ୨ଶହ ଏମବିପିଏସ ଓ ବିଏମସି କାର୍ଯ୍ୟାଳୟ ପରିସରରେ ଅବଶିଷ୍ଟ ଶହେ ଏମବିପିଏସର ବେଣ୍ଡୱିଥ ଜରିଆରେ ୱାଇଫାଇ ସେବା ଉପଲବ୍ଧ ହେଉଥିବା ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । ଏହି ସେବାକୁ ଯେତେ ସାର୍ବଜନୀନ କରାଯିବ ସେତେ ଏହାକୁ ବ୍ୟବହାର କରାଯାଇପାରିବ । ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲେ ଅଧିକରୁ ଅଧିକ ଏହାର ବ୍ୟବହାର ହୋଇପାରିବ । ବିଏମସି ପକ୍ଷରୁ ଯଦିଓ ଦୈନିକ ୧୪ଶହରୁ୧୫ଶହ ବ୍ୟକ୍ତି ବ୍ୟବହାର କରୁଥିବା କୁହାଯାଉଛି ଏହାକୁ ସାଧାରଣରେ କେହି ଗ୍ରହଣ କରିପାରୁନାହାନ୍ତି । ଏହି ସେବାକୁ କ୍ୱଚିତ ଲୋକେ ବ୍ୟବହାର କରୁଥିବା ବେଳେ ସ୍ପିଡ ମଧ୍ୟ ବହୁତ କମ ଥିବା ଅଭିଯୋଗ ହୋଇଛି । ସେପଟେ ନବ ନିର୍ବାଚିତ କର୍ପୋରେଟରମାନେ ଏପରିକି ଖୋଦ ମେୟର ମଧ୍ୟ ବିଏମସି କାର୍ଯ୍ୟାଳୟ ହତା ମଧ୍ୟରେ ମାଗଣା ୱାଇଫାଇ ଥିବା ଜାଣିନଥିଲେ । ଫଳରେ ଏହି ସେବା ପାଇଁ ଆବଶ୍ୟକ ପାସୱାର୍ଡ ମଧ୍ୟ କାହାରି ପାଖରେ ଶନିବାର ସୁଦ୍ଧା ନଥିଲା । ଏହା ଜାଣିବା ପରେ ଶନିବାର କିଛି କର୍ପୋରେଟର ୱାଇଫାଇର ପାସୱାର୍ଡ ନେଇ ଏହାର ବ୍ୟବହାର ଆରମ୍ଭ କରିଥିଲେ । ସେହିଭଳି ସହରରେ ଉପଲବ୍ଧ ଥିବା ମାଗଣା ୱାଇଫାଇ ସେବା ସମ୍ପର୍କରେ ଲୋକଙ୍କ ଅବଗତି ପାଇଁ ବିଭିନ୍ନ ସ୍ଥାନରେ ସୂଚନା ଫଳକ ତୁରନ୍ତ ଲଗାଇବାକୁ ମେୟର ସଂଘମିତ୍ରା ଦଳେଇ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ଆସନ୍ତା ବୈଠକରେ ଉଭୟ ସିସିଟିଭି ଓ ସିଟିଜେନ ୱାଇଫାଇ ସମ୍ପର୍କିତ କର୍ପୋରେଟରଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବାକୁ ମଧ୍ୟ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଗଞ୍ଜାମ କ୍ୟାନିନ୍ ଆସୋସିଏସନ୍‌ର କ୍ୟାଟ୍ ଓ ଡଗ୍ ଶୋ'

**ବ୍ରହ୍ମପୁର, ୧୭ ।୩(ସମିସ):** ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଦିର୍ଘ ୬ବର୍ଷ ବ୍ୟବଧାନରେ ରବିବାର ଗଞ୍ଜାମ କ୍ୟାନିନ ଆସୋସିଏସନ ପକ୍ଷରୁ ବ୍ରହ୍ମପୁରରେ ପୁଣି ଥରେ ରାଜ୍ୟସ୍ତରୀୟ 'କ୍ୟାଟ୍ ଆଣ୍ଡ ଡଗ୍' ସୋ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପଶୁପ୍ରେମୀମାନେ ନିଜ ପୋଷା ବିଲେଇ ଓ କୁକୁରଙ୍କୁ ସାଙ୍ଗରେ ନେଇ ପ୍ରତିଯୋଗିତାରେ ସାମିଲ ହୋଇଥିଲେ । କୁକୁରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବରେ କୋଲକତାର କ୍ୟାନିନ ଅଫ ଇଣ୍ଡିଆର ସଦସ୍ୟ ସୌରଭ ଚୌଧୁରୀ ଉପସ୍ଥିତ ରହିଥିଲେ । ସୋ'ରେ ପ୍ରାୟ ୨୧ପ୍ରଜାତିର ୧୦୦ରୁ ଉର୍ଦ୍ଧ୍ୱ କୁକୁର ଭାଗ ନେଇଥିଲେ । କୁକୁରଙ୍କ ପ୍ରଜାତି ଅନୁସାରେ ସେମାନଙ୍କ ଶରୀର ଗଠନ ସାଙ୍ଗକୁ ବିଭିନ୍ନ ଦିଗକୁ ଦୃଷ୍ଟି ଦିଆଯାଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ପ୍ରତି ପ୍ରଜାତିରୁ ଦୁଇଟି ଲେଖାଏଁ କୁକୁରଙ୍କୁ ଚୟନ କରାଯାଇଥିଲା । ସେଥିମଧ୍ୟରୁ ପ୍ରଥମ ୧୦ଟି କୁକୁରଙ୍କୁ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା କୁକୁରକୁ ୧୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ସ୍ଥାନ ନିମନ୍ତେ ୧୦ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୁକୁରକୁ ୫ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ସୋ'ରେ ଭାଗ ନେଇଥିବା ସମସ୍ତ କୁକୁରଙ୍କୁ ଆସୋସିଏସନ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପୋଷା ବିଲେଇଙ୍କୁ ନେଇ ଏକ ସୋ'ର ଆୟୋଜନ କରାଯାଇଥିଲା । ସେଥିରେ ପ୍ରାୟ ୬ଟି ପ୍ରଜାତିର ୪୦ରୁ ଉର୍ଦ୍ଧ୍ୱ ପୋଷା ବିଲେଇ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ପ୍ରଥମ ୧୦ଟି ବିଲେଇଙ୍କୁ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ବିଚାରକ ଭାବରେ ଭୁବନେଶ୍ୱରର ସତ୍ୟ ଶଙ୍କର ବିଶ୍ୱାଳ ଉପସ୍ଥିତ ଥିଲେ । ଏଭଳି କାର୍ଯ୍ୟକ୍ରମ ଜରିଆରେ କୁକୁର ଓ ବିଲେଇଙ୍କୁ ପାଳନ କରୁଥିବା ପଶୁପ୍ରେମୀଙ୍କୁ ସଚେତନତା କରିବା ସହ କିଭଳି ସଠିକ ଭାବରେ ସେମାନଙ୍କ ଯତ୍ନ ନିଆଯାଇପାରିବ ସେସମ୍ପର୍କରେ ସଚେତନ କରାଯାଇଥିଲା । ଏହା ସହ ସୋ'ରେ ଭାଗ ନେଇଥିବା ବିଲେଇ ଓ କୁକୁରଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହ ଔଷଧ ବିତରଣ କରାଯାଇଥିଲା । ୨୦୧୮ ମସିହାରେ ଶେଷ ଥର ପାଇଁ ଉଭୟ ବିଲେଇ ଓ କୁକୁରଙ୍କ ସୋ ସହ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ କ୍ୟାନିନ ଆସୋସିଏସନର ପ୍ରତିଷ୍ଠତା ୱାଇ. ଶୁଭମ କୁମାର, ସମ୍ପାଦକ ଅରଜିତ ଅଞ୍ଜନ ସାହୁ, ତ୍ରିଲୋକ ମହାରଣା, ଆଶିଷ ପଲାଇ ଓ ଜଗନ ଜେନାଙ୍କ ସମେତ ଆସୋସିଏସନର ବହୁ ସଦସ୍ୟ ଉପସ୍ଥିତ ଥିଲେ । କ୍ୟାଟ୍ ଓ ଡଗ୍ ସୋରେ ପ୍ରଥମ ସ୍ଥାନ ଭୁବନେଶ୍ୱରର ଗ୍ରେଡେନ ପ୍ରଜାତିର କୁକୁର ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ବ୍ରହ୍ମପୁର ଗୋଲ୍ଡେନ୍‌ରିଟ୍ରିଭର ପ୍ରଜାତି ଓ ତୃତୀୟ ସ୍ଥାନରେ ବ୍ରହ୍ମପୁର ଜର୍ମାନୀସଫର୍ ପ୍ରଜାତିର କୁକୁର ଅଧିକାର କରିଥିଲା ।




# ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ପ୍ରତିଭା ସଂଗମ କାର୍ଯ୍ୟକ୍ରମ

**ବ୍ରହ୍ମପୁର, ୧୭ ।୩(ସମିସ):** ସ୍ଥାନୀୟ ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଭା ସଂଗମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପ୍ରାନ୍ତଃ ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ସଂକେତ କୁମାର ସାହୁ ଯୋଗ ଦେବା ସହ ଗଞ୍ଜାମ ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁ, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ କିରଣ ସେଠୀ, ଜିଲ୍ଲାପ୍ରମୁଖ କେ. କୃଷ୍ଣମୂର୍ତ୍ତି ଦାସ, ଜିଲ୍ଲା ସହସଂଯୋଜକ ଆୟୁଷ କୁମାର ରଥ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରତିଷ୍ଠିତ କରିବା ନିମନ୍ତେ ପ୍ରତିଭା ସଙ୍ଗମ ପ୍ରତି ଦୁଇବର୍ଷକୁ ଥରେ ଆୟୋଜିତ ହେଉଛି । ଜିଲ୍ଲାର ବିଭିନ୍ନ ସ୍ଥାନରୁ କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ରୁଚି ରଖୁଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିସହ ବିଚାରକ ମଣ୍ଡଳୀ ଭାବେ ନୃତ୍ୟରେ ଅନୀଲ ସେଠୀ, ଚିତ୍ରରେ ଧନଞ୍ଜୟ ପାଣିଗ୍ରାହୀ, ରାକେଶ ପଟ୍ଟନାୟକ, ଡ୍ରାମାରେ ଲିଲୁ ସେଠୀ, ସଙ୍ଗୀତରେ ଦିଗାମ୍ବର ନାୟକ, ରଙ୍ଗୋଲିରେ ନଳିନୀ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କାରାଯାଇଥିଲା । ଏବଂ ଆଗାମୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ କଳା ପ୍ରଦର୍ଶନ କରିବାର ସୁଯୋଗ ମିଳିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଆୟୁଷ କୁମାର ରଥ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଭାଗ ସଂଗଠନ ମନ୍ତ୍ରୀ ଟୁକୁନା ମଲ୍ଲିକ, ପ୍ରାନ୍ତଃ ସୋସିଆଲ ମିଡ଼ିଆ ସହସଂଯୋଜକ ସୁନୀଲ ଦୋରା, ଗଞ୍ଜାମ ବିଭାଗ ବ୍ୟବସ୍ଥା ପ୍ରମୁଖ ରଜତ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିକାଶ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ଅଜୟ, ଛାତ୍ରନେତା ରାହୁଲ ବେହେରା, ଶୁଭକାନ୍ତ ମଲ୍ଲିକ, ସୋଭାବିନି ଝୁଡ଼ିଆ, ବଳରାମ ଦାସ ଓ ସୁଭଦ୍ରା ସାବତ ପ୍ରମୁଖ ଉପସ୍ଥିତ ଥିଲେ ।



# ଦୁଇଶହ ବର୍ଷର ଅନନ୍ୟ ପରମ୍ପରା 'ଝାମି ଯାତ୍ରା'







- ତେଲୁଗୁ ଓ ଓଡ଼ିଆ ଭାଷାଭାଷୀଙ୍କ ମିଶ୍ରିତ ପରମ୍ପରା
- ଯାତ୍ରାରେ ମା' ଏଲାମା ଠାକୁରାଣୀଙ୍କ କରାଯାଏ ଆରାଧନା
- ପୂଜାର୍ଚ୍ଚନା କରି ସାମୂହିକ ଭୋଜନରେ ସାମିଲ ହେଲେ ଭକ୍ତ
- କାଳିକା ଓ ଅଗ୍ନିନୃତ୍ୟ ଝାମି ଯାତ୍ରାର ମୁଖ୍ୟ ଆକର୍ଷଣ

**ବ୍ରହ୍ମପୁର, ୧୭ ।୩(ସମିସ)**

ବ୍ରହ୍ମପୁର ସହର ସମେତ ଗଂଜାମ ଜିଲ୍ଲାର ସଂସ୍କୃତି ଓ ପରମ୍ପରା ଅତି ପ୍ରାଚୀନ । ଏଠାରେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଜାନି ଯାତ୍ରା ଦେଖିବାକୁ ମିଳେ । ତନ୍ମଧ୍ୟରୁ ଝାମି ଯାତ୍ରା ନିଆରା ଓ ଅନ୍ୟତମ । ପ୍ରତ୍ୟକ ବର୍ଷ ଶିବରାତ୍ରି ପରବର୍ତ୍ତୀ ଧାର୍ଯ୍ୟ ଦିନ ମାନଙ୍କରେ ଏହି ଯାତ୍ରା ପାଳିତ ହୁଏ । ଏହା ବିଗତ ଦୁଇଶହ ବର୍ଷ ଧରି ବ୍ରହ୍ମପୁର ସହରରେ ଆୟୋଜିତ ହୋଇଆସୁଛି । ଯାହା ସାଧାରଣତଃ ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହୋଇଥାଏ । ରବିବାର ଅନୁଷ୍ଠିତ ଯାତ୍ରାକୁ ସାନ ଯାତ୍ରା ବୋଲି କୁହାଯାଉଥିବା ବେଳେ ଆସନ୍ତା ମେରୁ ସଂକ୍ରାନ୍ତି ଦିନ ବଡଯାତ୍ରା ଅନୁଷ୍ଠିତ ହୋଇଥାଏ । ଉକ୍ତ ଦିନ ସହରରେ ଥିବା ଏଲାମା ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ । ମାନସିକଧାରୀମାନେ ବ୍ରତ ସମାପନ କରି ସାମୁହିକ ଭୋଜନ କରିଥାନ୍ତି । ଏହିକ୍ରମରେ ସହରର ନୀଳକଣ୍ଠେଶ୍ୱର ମନ୍ଦିର ପରିସରସ୍ଥ ଏଲମା ମନ୍ଦିରରେ ରବିବାର ଝାମି ଯାତ୍ରା ଆୟୋଜିତ ହୋଇଥିଲା । ଏଠାରେ ବିଶେଷ ରିତିନିତିରେ ପୂଜାର୍ଚ୍ଚନା ହୋଇଥିଲା । ପୂର୍ବାହ୍ନରେ ମଙ୍ଗଳ ଆଳତୀ, ବାଲଭୋଗ ଓ ଅନ୍ନଭୋଗ ପରେ କାଳିକା ନୃତ୍ୟ ଓ ଅଗ୍ନି ନୃତ୍ୟ ହୋଇଥିଲା । ବହୁ ମାନସିକଧାରୀ ଏଥିରେ ସାମିଲ ହୋଇଥିଲେ । ସେହିଭଳି ମାନସିକ ବ୍ରତଧାରୀମାନେ ମନ୍ଦିର ସମ୍ମୁଖରେ ଥିବା ଛାମୁଣ୍ଡିଆ ଉପରେ ମୁଆଁ ସମର୍ପଣ କରିଥିଲେ । ସେହିଭଳି ଅନ୍ୟାନ୍ୟ ଭୋଗରାଗ ଲଗାଇ ମା ଏଲମାଙ୍କୁ ସ୍ମରଣ କରି ଆଶିର୍ବାଦ ଭିକ୍ଷା କରିଥିଲେ । ଏହି ଯାତ୍ରାରେ କେଲୁଆ ନୃତ୍ୟ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ସାଜିଥାଏ । କେଳାମାନେ ବିଭିନ୍ନ ଦୁଃସାହସିକ ଖେଳ ଓ ଉପାସନା ପ୍ରଦର୍ଶନ କରିଥାନ୍ତି । ପୂର୍ବରୁ ଏହା କେଳାମାନଙ୍କ ପରମ୍ପରା ଭାବେ ପରିଗଣିତ ହେଉଥିବା ବେଳେ କ୍ରମଶଃ ଏହାକୁ ସେମାନେ ବ୍ୟବସାୟୀକ ଭିତ୍ତିରେ ପ୍ରଦର୍ଶନ କରୁଥିବା କୁହାଯାଉଛି ।

ଅନ୍ୟପକ୍ଷରେ ପୂର୍ବବର୍ଷ ମାନଙ୍କ ତଳନାରେ ଚଳିତ ବର୍ଷ ଏଭଳି ପ୍ରଦର୍ଶନ ଧିମେଇ ଯାଇଥିବା ପରିଲକ୍ଷିତ ହୋଇଛି । ବିଶେଷ କରି ଅଗ୍ନି ନୃତ୍ୟ ଏଲାମାଙ୍କ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏଠାରେ ବହୁ ପରିବାର ରୋଷେଇ କରି ମାଙ୍କୁ ଭୋଗରାଗ କରିବା ପରେ ସାମୁହିକ ଭୋଜନ କରିଥିଲେ । ଦିନ ତମାମ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ ସହରରେ ଲାଂଜିପଲ୍ଲୀ ଓ ଆଙ୍କୁଲି ଅଞ୍ଚଳରେ ଥିବା ଏଲ୍ଲାମା ମନ୍ଦିର ପରିସରରେ ମଧ୍ୟ ଅନୁରୁପ ଭାବେ ଝାମି ଯାତ୍ରା ମହାସମାରୋହରେ ପାଳିତ ହୋଇଥିଲା । ପୂର୍ବାହ୍ନରେ ବାଳଭୋଗ, ଆଳତୀ ଓ ଅନ୍ନଭୋଗ ସମ୍ପନ ହୋଇଥିଲା ।

ପୂଜକ ଜାଗୁଲି ରେଡ଼ିଙ୍କ ଘରୁ ପୂର୍ବାହ୍ନରେ ମା'ଙ୍କୁ ପଟୁଆରରେ ମନ୍ଦିରକୁ ଅଣାଯାଇଥିଲା । ସେଠାରେ ଭବ୍ୟ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସର୍ବସାଧାରଣ ଦର୍ଶନ କରିଥିଲେ । ମଧ୍ୟାହ୍ନରେ ମା'ଙ୍କୁ ଆମିଷ ଭୋଜନ ଲାଗି ହୋଇଥିଲା । ଆସନ୍ତା ପୂର୍ଣ୍ଣମା ଦିନ ଏଠାରେ ବଡଯାତ୍ରାର ଆୟୋଜନ କରାଯିବ ବୋଲି ପୂଜକ ସୂଚନା ଦେଇଛନ୍ତି । ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ବ୍ରହ୍ମପୁର ରେଳଷ୍ଟେସନକୁ ଜାତୀୟସ୍ତରୀୟ କରିବାକୁ ଦାବି

ବ୍ରହ୍ମପୁର, ୧୭ ।୩(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପ ସଭାପତି ଡାକ୍ତର ପ୍ରାଣଚାନ୍ଦ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ପ୍ରଦାନ କରି ସମ୍ପାଦକୀୟ ସହ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନା କରିଥିଲେ । ଆଲୋଚନା ଅବସରରେ ବିଗତ ବର୍ଷରେ ମେମୋ ଟ୍ରେନରେ ଅହେତୁକ ଦରବୃଦ୍ଧିକୁ ବିରୋଧ କରି ପୂର୍ବରୁ ପ୍ରଚଳିତ ଦର ଲାଗୁ କରିବା ପାଇଁ ଅନୁଷ୍ଠାନ ତରଫରୁ ଭାରତୀୟ ରେଳବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଯାହାର ଫଳସ୍ୱରୂପ ରେଳ ମନ୍ତ୍ରାଳୟ ବର୍ତ୍ତମାନ ମୂଲ୍ୟ ହ୍ରାସ କରିଥିବାରୁ ସଭାରେ ମନ୍ତ୍ରାଳୟକୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । କିନ୍ତୁ ଦୀର୍ଘଦିନ ଧରି ବହୁ ଦାବି ସତ୍ତ୍ୱେ ସିଧାସଳଖ ବ୍ରହ୍ମପୁରରୁ ପୁରୀ ରେଳ ଚଳାଚଳ କରାଯାଉ ନଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଛି । ଏବଂ ବ୍ରହ୍ମପୁରରୁ ସମ୍ବଲପୁର ଭାୟା ଫୁଲବାଣୀ, ବ୍ରହ୍ମପୁରରୁ ରାୟଗଡ଼ା ସହ ନୂଆଦିଲ୍ଲୀ ଓ ମୁମ୍ବାଇକୁ ସିଧାସଳଖ ରେଳ ଯୋଗାଯୋଗ ଓ ବ୍ରହ୍ମପୁର ଏକ ସର୍ବ ପୁରାତନ ରେଳଷ୍ଟେସନ ହୋଇଥିବା ବେଳେ ଏଠାରୁ ପ୍ରତିବର୍ଷ ଲକ୍ଷାଧିକ ଯାତ୍ରୀ ଯାତ୍ରା କରୁଛନ୍ତି ଯଦ୍ୱାରା ରେଳବିଭାଗ ଲକ୍ଷଲକ୍ଷ ରାଜସ୍ୱ ଆଦାୟ କରୁଛି । ତେଣୁ ଏହି ଷ୍ଟେସନକୁ ଅତ୍ୟାଧୁନିକ ତଥା ଜାତୀୟସ୍ତରର ରେଳଷ୍ଟେସନରେ



ପରିଣତ କରି ସମସ୍ତ ସୁବିଧା ଯୋଗାଇଦେବା ପାଇଁ ଅନୁଷ୍ଠାନ ତରଫରୁ ଦାବି ହୋଇଛି । ଆଗାମୀ ଦିନରେ ଏନେଇ ରେଳ ମନ୍ତ୍ରାଳୟକୁ ସ୍ମାରକ ପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆଲୋଚନା ସଭାରେ ଅନୁଷ୍ଠାନର କୋଷାଧକ୍ଷ ଲଡୁକେଶ ମିଶ୍ର, ବିଜୟ କୁମାର ସାହୁ, ସୁବାସ ଚନ୍ଦ୍ର ସୁବୁଦ୍ଧି, ଗୋପାଳକୃଷ୍ଣ ପାଢ଼ୀ, ଏ. ଅଶୋକ କୁମାର ପାତ୍ର, ରବୀନ୍ଦ୍ର କୁମାର ନାୟକ, ହାଡିବନ୍ଧୁ ମାଳିଙ୍କ ସମେତ ଅନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଶେଷରେ କୋଷାଧକ୍ଷ ଲଡୁକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦର୍ଶ ଆଚରଣ ବିଧି ନେଇ ସର୍ବଦଳୀୟ ବୈଠକ

**ପାରଳାଖେମୁଣ୍ଡି, ୧୭ ।୩(ସମିସ)**



ଆସନ୍ତା ସାଧାରଣ ନିର୍ବାଚନରେ ଆଦର୍ଶ ଆଚରଣ ବିଧିକୁ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜନୈତିକ ଦଳ ବ୍ୟକ୍ତିବିଶେଷଙ୍କୁ ନେଇ ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଉପସ୍ଥିତ ଥିଲେ। ରାଜନୈତିକ ଦଳ ମଧ୍ୟରୁ କଂଗ୍ରେସର ଈଶ୍ୱର ଚନ୍ଦ୍ର ମାଝୀ, ବିଜେଡିର ଜମିଧାର ପଟ୍ଟନାୟକ, ବିଜେପିର ଇ.ପ୍ରଶାନ୍ତ ଓ ଆମ ଆଦମୀ ପାର୍ଟିର ଲୋଗେଶ ଦାସ ଯୋଗ ଦେଇଥିଲେ। ଆଦର୍ଶ ଆଚରଣ ବିଧି, ଯାନବାହନ, ମାଇକ ଓ ଜନ ସମାବେଶ କିପରି ପାଳନ କରିବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ରାଜନୈତିକ ଦଳ ସଦସ୍ୟ ଆସନ୍ତା ସାଧାରଣ ନିର୍ବାଚନରେ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶାନ୍ତନୁ କୁମାର ପରିଡ଼ା, ଡେପୁଟି କଲେକ୍ଟର ନିର୍ବାଚନ କମଳକାନ୍ତ ପଣ୍ଡା ଓ ତୃପ୍ତିମୟୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ଓଲଟି ୧୧ ଆହତ



**ବୁଗୁଡ଼ା, ୧୭ ।୩(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଲସାହି ଗାଁ ଛକ ନିକଟ ବୁଲାଣି ରାସ୍ତାରେ ଏକ ଯାତ୍ରୀବାହୀ ଅଟୋ ଓଲଟି ୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁତର ଯାତ୍ରୀମାନେ ହେଲେ ବ୍ରହ୍ମପୁର ସିଦ୍ଧାର୍ଥ ନଗରର ନୁତୁନି ନାଇକ (୨୮), ଦମୟନ୍ତୀ ଦାସ(୫୫), ରାଜଲକ୍ଷ୍ମୀ ଦାସ(୫), ସୁମତି ଦାସ ଓ ଦୀପକ ଦାସ ଏବଂ ଆହତ ଅଟୋ ଚାଳକ ଜଣକ ହେଲେ ବ୍ରହ୍ମପୁର ଗୋଇଲୁଣ୍ଡିର ଆପାରାଓ ଦୋରା।

ଘଟଣାରୁ ପ୍ରକାଶ ଯେ, ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତର କଣ୍ଡରାଇ ଗାଁର ଏକ ଭୋଜିକାର୍ଯ୍ୟରେ ଯୋଗଦେଇ ଅଟୋରେ ଫେରୁଥିବା ବେଳେ ପଙ୍କଲସାହି ଗାଁ ନିକଟ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। ଫଳରେ ସେଥିରେ ବସିଥିବା ୧୪ ଜଣଙ୍କ ମଧ୍ୟରୁ ୧୧ ଜଣ ଆହତ ହୋଇଥିଲେ। ସେହି ରାସ୍ତା ଦେଇ ଆସୁଥିବା ଲକ୍ଷ୍ମୀ ବସ୍‌ରେ ସେମାନଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଅଟୋକୁ ପୁଲିସ ଜବତ କରିବା ସହ ଆହତ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ୬ ମାସ ହେଲା ପାଠାଗାରରେ ତାଲା




**ଜି.ଉଦୟଗିରି, ୧୭ ।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଗୋଲାସାହି ନିକଟରେ ଥିବା ବିଜୁ ଭାସ୍କର ପାଠାଗାରରେ ୬ ମାସ ହେଲା ତାଲା ଝୁଲୁଛି। ପାଠାଗାର ଖୋଲା ନ ହେବା ଫଳରେ ପାଠକ ନିରାଶ ହୋଇଛନ୍ତି। ଏହାସହିତ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ପୁସ୍ତକ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଉଛି। ଜନସାଧାରଣଙ୍କ ପାଇଁ ପାଠାଗାର ୨ ଡିସେମ୍ବର ୨୦୧୮ ମସିହାରେ ଗ୍ରାମ୍ୟ ଉନ୍ନୟନ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ଘାଟନ କରିଥିଲେ। ୫ ବର୍ଷ ବିତିଯାଇଥିଲେ ମଧ୍ୟ ପାଠାଗାରରେ ବିଦ୍ୟୁତ୍, ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ ନ ଥିବା ବେଳେ ଏବେ ୬ ମାସ ହେଲା ବନ୍ଦ ରହିବା ଯୋଗୁଁ ମୂଲ୍ୟବାନ ପୁସ୍ତକ ନଷ୍ଟ ହେବା ଆଶଙ୍କା ଦେଖା ଦେଇଛି। ପାଠାଗାରରେ ଜରୁରୀ ସୁବିଧା ଯୋଗାଇ ଦେବା ସହିତ ନିୟମିତ ଖୋଲାଗଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ବୋଲି କୁହାଯାଇଛି।

# ଡିପିଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କବିସୂର୍ଯ୍ୟନଗର, ୧୭ ।୩(ସମିସ):** କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ବେରୁଆବାଡି ପଞ୍ଚାୟତ ସାତନଳ ଗ୍ରାମ ଦାସିରି ପଡ଼ିଆରେ ଡିପିଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ତଥା ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ ପଣ୍ଡା ଶୁଭ ଉଦଘାଟନ କରିଛନ୍ତି। ଉଭୟ ଟିମର ୩୦ ଜଣ ଖେଳାଳି ବ୍ୟତୀତ ଆୟୋଜକ ଅମ୍ପାୟାର ଉପସ୍ଥିତ ଥିଲେ। ସମସ୍ତଙ୍କୁ ସାଧୁବାଦ ଜଣାଇବା ସହ ଶୃଙ୍ଖଳାର ସହ ଖେଳିବାକୁ ପରାମର୍ଶ ଦେଇଥିଲେ। ଅଞ୍ଚଳର ଜଣେ ଯୁବ ସମାଜସେବୀ ଭାବେ ସେ ବହୁ ସାଧରଣ ଲୋକଙ୍କୁ ସାହାର୍ଯ୍ୟ ସହଯୋଗ ଦେଇ ଆସିଛନ୍ତି।

# ପୁରୁଷୋତ୍ତମପୁର ପୁଲିସର ଫ୍ଲାଗ୍ ମାର୍ଚ୍ଚ

**ପୁରୁଷୋତ୍ତମପୁର, ୧୭ ।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ପୁରୁଷୋତ୍ତମପୁର ପୁଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ବ୍ଲକର ସମା ପଞ୍ଚାୟତରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏସଡିପିଓ ରଜନୀକାନ୍ତ ସାମଲଙ୍କ ନେତତ୍ୱରେ ପୁରୁଷୋତ୍ତମପୁର ଥାନା ଅଧିକାରୀ ବିପିନି ବିହାରୀ ହୋତାଙ୍କ ସମେତ ୨୦ଜଣ ଅଧିକାରୀ



ଓ କନେଷ୍ଟବଲ, ୨ପ୍ଲାଟୁନ ସିଆଇଏସଏଫ୍ ଯବାନ ସାମିଲ ହୋଇଛନ୍ତି। ଏହି ଫ୍ଲାଗ ମାର୍ଚ୍ଚ ପୁରୁଷୋତ୍ତମପୁର ସ୍ୱପ୍ନେଶ୍ୱର ଛକ ନିକଟରୁ ବାହାରି ସହର ସମେତ ସମା ପଞ୍ଚାୟତ କରିଥିଲେ। ଏହି ସମୟରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିଲା। ଆଗାମୀ ଦିନରେ ଏହି ଥାନାର ବିଭିନ୍ନ ଅଞ୍ଚଳରେ ପୁଲିସ ପକ୍ଷରୁ ଅନୁରୂପ ଭାବେ ଫ୍ଲାଗ ମାର୍ଚ୍ଚ କରାଯିବ। ଆଗାମୀ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ଶେଷ କରିବାକୁ ଲୋକମାନଙ୍କୁ କୁହାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ସଜାଗ ଥିବା ଏସଡିପିଓ କହିଛନ୍ତି।

## ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘର ବୈଠକ

# ଗଞ୍ଜାମ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ମନୋଜ ମନୋନୀତ



**ଛତ୍ରପୁର, ୧୭ ।୩(ସମିସ):** ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ତରଫରୁ ପୁରୀ ସଂସ୍କୃତି ଭବନ ପରିସରରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ତାଏକ୍ୱୋଣ୍ଡୋ ମହାସଂଘ ଯୁଗ୍ମ ସମ୍ପାଦକ ଅଜୟ କୁମାର ଦଲାଲ ଯୋଗଦେଇ ଓଡ଼ିଶାରେ ତାଏକ୍ୱୋଣ୍ଡୋର ପ୍ରଚାର ପ୍ରସାର ଏବଂ ଅଗ୍ରଗତି ନିମନ୍ତେ ରାଜ୍ୟ ତାଏକ୍ୱୋଣ୍ଡୋ ସଂଘର କର୍ମକର୍ତ୍ତା ଜିଲ୍ଲାର କୋଷାଧ୍ୟକ୍ଷ ଭାବେ କେ ମନୋଜ ପ୍ରଧାନ ମନୋନୀତ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଲକ୍ଷଣ ଭବନରେ ଗଂଜାମ ଜିଲ୍ଲା ଆର୍ଥଲେଟିକ ସଂଘ ଉପ ସଭାପତି ପ୍ରଫୁଲ ପଟ୍ଟନାୟକ ଓ ଗଞ୍ଜାମ ତାଇକୋଣ୍ଡୋ ସଙ୍ଘ କର୍ମକର୍ତ୍ତା ଡା.ଅନିତା ମିଶ୍ର, ପ୍ରସାଦ ନାୟକ, ଲଳିତ କୁମାର, ବସୁ ନାୟକ, ପ୍ରୀତମ ବେହେରା, ପୀୟୂଷ ପ୍ରସାଦ ଷଢଙ୍ଗୀ, ଦେବେନ୍ଦ୍ର ସାହୁ, ବବୁଲୁ ନାୟକ, ରାଜା ଦାସ କେମପି ସ୍ପୋର୍ଟ ଏକାଡେମୀର ଚୟନ କରାଯାଇଥିଲା। ସେଥିରେ ରାଜ୍ୟ ସଭାପତି ଭାବେ ଖୋର୍ଦ୍ଧା ଜିଲ୍ଲାର ବ୍ୟାମକେଶ ଅଭିଲାଷ ପ୍ରସାଦ, ସମ୍ପାଦକ ଭାବେ ପୁରୀ ଜିଲ୍ଲାର ମନମୋହନ ଭଞ୍ଜ, ନିର୍ବାଚିତ ହୋଇଥିବାବେଳେ ଗଞ୍ଜାମ ଛାତ୍ରଛାତ୍ରୀ ଓ ଅଭିବାବକ ମାନେ କେ.ମନୋଜ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଓ କ୍ରୀଡ଼ାବିତ ମନେ ଶ୍ରୀ ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବୁଗୁଡ଼ା, ୧୭ ।୩(ସମିସ):** ବୁଗୁଡ଼ା ବ୍ଲକ ଅନ୍ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ଏକଡାଳ ଗ୍ରାମରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରିଥିଲେ। ରବିବାର ଦିନ ମଣ୍ଡଳ କରଣ, ବନଯୋଗ, ଅଙ୍କୁରାରୋପଣ ଓ ନାମାଧିବାସ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ଏକଡାଳ, ଝୋଲୋରୀ, ମହୁଲପଲ୍ଲୀ, ପଙ୍କଲବାଡ଼ି, କଞ୍ଚୁରୁ ଓ ଖରିଡା ଗ୍ରାମର ୨ଟି ନାମ ଦଳ ଯୋଗ ଦେଇ ୨୪ ପ୍ରହର ନାମ ସଂକୀର୍ତ୍ତନ କରିଥିଲେ। ସୋମବାର ଦିନ ସୂର୍ଯ୍ୟ ପୂଜା, ଶାଳା ପୂଜା, ଅଗ୍ନି ସ୍ଥାପନ ପରେ ମଙ୍ଗଳବାର ଦିନ ଜୀବନ୍ୟାସ ଦିଆଯାଇ ବୁଧବାର ଦିନ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ହେବା ନେଇ ଆୟୋଜକ କମିଟି ପକ୍ଷରୁ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ପୁରୋହିତ ଭାବେ ସଦାଶିବ ଖାଡ଼ଙ୍ଗା, ପ୍ରମୋଦ ହୋତା ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ କର୍ତ୍ତା ଭାବେ କୋକୋରାମ ଜେନା ଦାୟିତ୍ୱ ତୁଲାଇଛନ୍ତି। ଯଜ୍ଞ କମିଟି ସଭାପତି କାଳୁଚରଣ ନାୟକ, ଉପସଭାପତି ଉମେଶଚନ୍ଦ୍ର ନାୟକ, ସମ୍ପାଦକ ଜିତେନ୍ଦ୍ର ଗୌଡ଼, କୋଷାଧ୍ୟକ୍ଷ ଧରଣୀ ଜେନାଙ୍କ ସମେତ କମିଟି ସଦସ୍ୟଗଣ ଓ ଗ୍ରାମବାସୀ ସହଯୋଗ କରିଛନ୍ତି।

# ଏନ୍‌ଏସିର ହୋର୍ଡିଂ ଉଚ୍ଛେଦ ଅଭିଯାନ



**କୋଦଳା, ୧୭ ।୩(ସମିସ):** ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ସହ ଆଚରଣବିଦ୍ଧି ଲାଗୁ ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଦଳ ତଥା ରାଜନେତାଙ୍କ ବିଭିନ୍ନ ପ୍ରକାର ହୋର୍ଡିଂ ଉଚ୍ଛେଦ କରାଯାଇଛି। ରବିବାର ଛୁଟିଦିନ ହୋଇଥିଲେ ସୁଦ୍ଧା ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ସକାଳୁ ନିଜର କର୍ମକର୍ତ୍ତା ଓ ସଫେଇ କର୍ମଚାରୀଙ୍କୁ ଧରି ପ୍ରତ୍ୟେକ ମୁଖ୍ୟ ରାସ୍ତା, ଗଳି, କନ୍ଦି ବୁଲି ବିଭିନ୍ନ ଜାଗାରେ ଲାଗିଥିବା ହୋର୍ଡିଂ, ବ୍ୟାନର ଓ ପୋଷ୍ଟର ହଟାଇ ଥିଲେ। ପ୍ରକାଶ ଥାଉକି ମେ ୨୦ ତାରିଖରେ ଆସ୍କା ସଂସଦୀୟ କ୍ଷେତ୍ର ସହିତ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ବହୁ ପୂର୍ବରୁ କୋଦଳା ଏନ୍‌ଏସିର ସହଯୋଗ ତଥା କୋଦଳା ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏକ କମ୍ପାନୀ ପୁଲିସ ଫୋର୍ସ କଲ୍ୟାଣମଣ୍ଡପଠାରେ ମୁତୟନ ହୋଇ ପ୍ରତ୍ୟେକ ଦିନ କୋଦଳା ଅଞ୍ଚଳ ସହିତ ବିଭିନ୍ନ ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ କରି ଜନସାଧାରଣଙ୍କୁ ଏକ ନିରପେକ୍ଷ ନିର୍ବାଚନ କରାଯିବା ନେଇ ସଚେତନ କରୁଛନ୍ତି।

● ଭଞ୍ଜନଗର ଓକିଲ ସଂଘ ନିର୍ବାଚନ

# ସଭାପତି ପଦରେ ୨ ଓ ଉପସଭାପତି ପାଇଁ ୩ ପ୍ରାର୍ଥୀ

**ଭଞ୍ଜନଗର, ୧୭ ।୩(ସମିସ):** ଆସନ୍ତା ୩୦ ତାରିଖରେ ଭଞ୍ଜନଗର ବାର୍ ଆସୋସିଏସନ୍‌ର ମତଦାନ ହେବ। ଏଥିରେ ଓକିଲ ସଂଘର ପ୍ରାୟ ୨୪୮ ଜଣ ଆଇନଜୀବୀ ମତଦାନରେ ଅଂଶଗ୍ରହଣ କରିବେ। ହେଲେ ନିର୍ବାଚନ ପ୍ରତି ଆଇନଜୀବୀଙ୍କର ଆଗ୍ରହ କମିବାରେ ଲାଗିଛି। ପୂର୍ବରୁ ଯେମିତି ପ୍ରତ୍ୟେକ ପଦବୀ ନିମନ୍ତେ ୩ରୁ ୪ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ଏବଂ ସେମାନଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଥିଲା। ଭଞ୍ଜନଗର ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ସଭାପତି ପଦବୀ ପାଇଁ ଅଳକା ମଞ୍ଜରୀ ପଟ୍ଟନାୟକ ଓ ଶୈଳେନ୍ଦ୍ର ନାରାୟଣ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଉପସଭାପତି ପାଇଁ ଗଗନ ବିହାରି ବିନ୍ଧାଣିରା, ଚନ୍ଦ୍ରମଣି ମହାପାତ୍ର ଓ ସହସାଂଶୁ ରାଉତଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ। ତେବେ ସମ୍ପାଦକ ପଦବୀରୁ ଅନ୍ୟମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିବାରୁ ରାଜେନ୍ଦ୍ର କୁମାର ପ୍ରଧାନ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ସେହିପରି ଯୁଗ୍ମ ସମ୍ପାଦକ ପଦବିରେ ଅଶ୍ୱିନୀ କୁମାର ଦାଶ ଓ କୋଷାଧ୍ୟକ୍ଷ ପଦରେ ସଂଗ୍ରାମ ମିଶ୍ର ଅପ୍ରତିଦ୍ୱନ୍ଦ୍ୱୀ ଭାବେ ରହିଛନ୍ତି। ଆସନ୍ତା ୧୮ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଲଡୁକିଶୋର ଆଳତିଆ, ସହାୟକ ତ୍ରିନାଥ ମଲ୍ଲିକ ଓ ବିମ୍ବାଧର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ମଙ୍ଗରାଜପୁରରେ ମା' ସପ୍ତକୁଟୁଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଦିଗପହଣ୍ଡି, ୧୭ ।୩(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମ ଖେଳପଡ଼ିଆରେ ରବିବାର ମା' ସପ୍ତକୁଟୁଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ସରପଞ୍ଚ ବି.କ୍ରିଷ୍ଣାରାଓ ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ଏମ୍. କୁଶ ରେଡ୍ଡୀ, ଏମ. ଅସନ୍ତୁଲୁ ରେଡ୍ଡୀ, ବଡୁ ରେଡ୍ଡୀ, ଦେବେନ୍ଦ୍ର ରେଡ୍ଡୀ, ହରିଶ୍ଚନ୍ଦ୍ର ରେଡ୍ଡୀ, ଭାସ୍କର ରେଡ୍ଡୀ, ଅନାଦି ରେଡ୍ଡୀ, କ୍ରୀଡ଼ା ଶିକ୍ଷକ ଏମ୍. ଶୁକୁରୁ ରେଡ୍ଡୀ, ଗୋପାଳ ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନୀ ମ୍ୟାଚ୍‌ର ଦୁଇଟି ଟିମ୍‌ର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିବସରେ ଦୁଇଟି ମ୍ୟାଚ ହୋଇଥଲା। ପ୍ରଥମ ମ୍ୟାଚ୍‌ରେ ନରେନ୍ଦ୍ରପୁର ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୬୦ ରନ୍ ହାସଲ କରିଥିବା ବେଳେ ପତାଣ୍ଡ ଗ୍ରାମ କ୍ରିକେଟ ଟିମ୍ ୭ ଓଭରରେ ଆବଶ୍ୟକ ୬୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଭୀଷ୍ମଗିରି ଗ୍ରାମ କ୍ରିକେଟ ଟିମ୍ ୯୧ ରନ୍ କରିଥିବା ବେଳେ ରେଗିଡି ଗ୍ରାମ କ୍ରିକେଟ ଟିମ୍ ୯.୪ ଓଭରରେ ବିଜୟୀ ହୋଇଥିଲା। ରମେଶ ରେଡ୍ଡୀ ଓ ନିରାକାର ରେଡ୍ଡୀ ଓମ୍ପାୟରିଂ କରିଥିବା ବେଳେ ଆୟୋଜକ କ୍ରିକେଟ କ୍ଲବ୍ ସଦସ୍ୟ କାର୍ତ୍ତିକ ରେଡ୍ଡୀ, ଦଣ୍ଡ ରେଡ୍ଡୀ, ନିରଞ୍ଜନ ରେଡ୍ଡୀ, ଦୁର୍ଯ୍ୟୋଧନ ରେଡ୍ଡୀ, କାଳିଆ ରେଡ୍ଡୀ, ଶଙ୍କର ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସାଡ଼ିଙ୍ଗିଆରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଫିରିଙ୍ଗିଆ, ୧୭।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି କନ୍ଧମାଳ ଜିଲ୍ଲାର ବିଭିନ୍ନ ପୁଲିସ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଉଛି। ଏହି କ୍ରମରେ ଫିରିଙ୍ଗିଆ ପୁଲିସ ପକ୍ଷରୁ ସାଡିଙ୍ଗିଆରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସାଡିଙ୍ଗିଆ ଅଞ୍ଚଳ ମାଓ ପ୍ରଭାବିତ ଓ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ପୁଲିସ ପ୍ରଥମେ ଏଠାରୁ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ କରିଛି। ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଫ୍ଲାଗମାର୍ଚ୍ଚରେ ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁଙ୍କ ସହ ଏଏସ୍‌ଆଇ ପ୍ରମୋଦ କୁମାର ବେହେରା ଓ ସାଡିଙ୍ଗିଆ କଟାପାଙ୍ଗାରେ ଥିବା ବିଏସ୍ଏଫ୍-୯୯ ବାଟାଲିୟନର ଯବାନ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ ଯେ ଗତ ସାଧାରଣ ନିର୍ବାଚନ ସମୟରେ ସାଡ଼ିଙ୍ଗିଆ ଅଞ୍ଚଳରେ ଲାଲବାହିନୀ ପୁଲିସ ଗାଡ଼ିକୁ ପୋଡ଼ି ଦେବା ସହ ହିଂସାତ୍ମକ ଘଟଣା ଘଟାଇଥିଲେ। ଏହା ସହ କିଛିମାସ ତଳେ ଏହି ଅଞ୍ଚଳରେ ଥିବା ସୁମେରବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀ ଘରୁ ଡାକିନେଇ ଅତି ନିର୍ମମ ଭାବରେ ହତ୍ୟା କରିଥିଲେ। କିଛିଦିନ ପୂର୍ବେ ସାଡିଙ୍ଗିଆ ଅଞ୍ଚଳର ବିଭିନ୍ନ ଜାଗାରେ ପୋଷ୍ଟର ମାରି ଲାଲବାହିନୀ ନିଜର ସ୍ଥିତି ଜାହିର କରିଥିଲା। ରବିବାର ଅନୁଷ୍ଠିତ ଫ୍ଲାଗ୍‌ମାର୍ଚ୍ଚ ମାଧ୍ୟମରେ ପୁଲିସ ନିଜର ଉପସ୍ଥିତି ଜାହିର କରିବା ସହ ଅଞ୍ଚଳର ଜନସାଧାରଣ ପୁଲିସକୁ ସାହାଯ୍ୟ କରିବା ପାଇଁ ଥାନା ଅଧିକାରୀ ଅନୁରୋଧ କରିଥିଲେ।

# ବିଭିନ୍ନ ସ୍ଥାନରୁ ହୋର୍ଡିଂ ଉଚ୍ଛେଦ

**ଭଞ୍ଜନଗର, ୧୭ ।୩(ସମିସ)**

ଗଞ୍ଜାମ ଜିଲ୍ଲାରେ ମେ ୧୩ ଓ ୨୦ତାରିଖ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବ। ତାରିଖ ଘୋଷଣା ସହ ନିର୍ବାଚନ ଆଚରଣ ବିଧି ମାର୍ଚ୍ଚ ୧୬ତାରିଖରୁ ଲାଗୁ ହୋଇଛି। ଏହି ନିର୍ବାଚନକୁ ଶାନ୍ତି ଶୃଙ୍ଖଳା, ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ସର୍ବସାଧାରଣ ସ୍ଥାନ ଗୁଡିକ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ପରିସରରୁ ହୋର୍ଡିଙ୍ଗ, ଲିଫଲେଟ୍, ପୋଷ୍ଟର, ବ୍ୟାନର ଓ ସରକାରୀ ଯୋଜନାର ବାର୍ତ୍ତା ହଟାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଏଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ହଟାଯାଉଛି। ଆଦର୍ଶ ଆଚରଣ ବିଦ୍ଧି ଲାଗୁହେବା ପରେ ଭଞ୍ଜନଗର ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ବ୍ୟାନର ଓ ହୋର୍ଡିଂକୁ ପ୍ରଶାସନ ପକ୍ଷରୁ ଖୋଲି ଦିଆଯାଇଛି। ସହରର ମୁଖ୍ୟ ରାସ୍ତା, ଖାଲାସାହି, ବସଷ୍ଟାଣ୍ଡ, ବେଲଗୁଣ୍ଠା ରୋଡ ସମେତ ବିଭିନ୍ନ ଛକ ସ୍ଥାନରେ ଲଗାଯାଇଥିବା ସରକାରୀ ଯୋଜନାର ହୋର୍ଡିଂ ଓ ମୁଖ୍ୟମନ୍ତ୍ରୀଙ୍କ ଫୋଟ ଚିତ୍ର ଥିବା ବିଭିନ୍ନ ବିଜ୍ଞାପନକୁ ହଟା ଯାଉଥିବା ଦେଖିବାକୁ ମିଳିଛି। ନିର୍ବାଚନୀ ଆଦର୍ଶ ଆଚରଣ ବିଦ୍ଧି ଲାଗୁହେବା ପରେ ନବଗଠିତ ଭଞ୍ଜନଗର ପୌର ପରିଷଦ ପକ୍ଷରୁ ଏହାକୁ କଡାକଡି ଭାବେ ପାଳନ କରାଯାଇଛି।



ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱ ଲାଲବାହାଦୂର ସାହୁ

(ପୂର୍ବତନ ନଗରପାଳ, କୋଣାର୍କ ଏନଏସି )

ଆବିର୍ଭାବ:- ୧୧.୦୧.୧୯୬୬

ତିରୋଧାନ:- ୧୮.୦୩.୨୦୨୦

ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

-: ଶୋକସନ୍ତପ୍ତ :-

ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ

## କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର




**ବ୍ରହ୍ମପୁର, ୧୭।୩(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ରବିବାର କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜର ଉପ ସଭାପତି ଡ. ବନମାଳୀ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ।

ଆସରରେ ଅତିଥି ଭାବେ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ଓ ସୁଖ୍ୟାତ କବି ଡ. କୁଳମଣି ଓଝା ଯୋଗଦେଇ ସମକାଳୀନ ଓଡ଼ିଆ କବିତାର ଭାବ ଓ ଭାଷା ସମ୍ପର୍କରେ ଆଲୋଚନା କରିବା ସଂଗେ ସଂଗେ ପଠିତ ସମସ୍ତ ଗଳ୍ପ ଓ କବିତାର ସମୀକ୍ଷା କରିଥିଲେ। ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଅତିଥି ଆମନ୍ତ୍ରଣ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନା କରିଥିଲେ। ଏହି ଆସରରେ ଚନ୍ଦ୍ରଶେଖର ମହାପାତ୍ର, ହୃଷୀକେଶ ଦାଶ, ଅନୁପ କୁମାର ମିଶ୍ର, ଶ୍ୟାମସୁନ୍ଦର ଖାଡ଼ଙ୍ଗା, ହାଡ଼ିବନ୍ଧୁ ମାଳି, ଭିକାରି ଚରଣ ମହାପାତ୍ର, ଦୀନବନ୍ଧୁ ଶ୍ରୀପଲ୍ଲବ, ସୌଦାମିନୀ ମିଶ୍ର, ବଂଶୀଧର ସେଠୀ, ଡ. ବନମାଳୀ ପାଣିଗ୍ରାହୀ, ଡ. ଲମ୍ବୋଦର ପାଣିଗ୍ରାହୀ, ଡ. କୁଳମଣି ଓଝା, ପଦ୍ମିନୀ ମିଶ୍ର, ବିଜୟ ଚନ୍ଦ୍ର ମିଶ୍ର, ଉଦୟନାଥ ପାଣିଗ୍ରାହୀ, ଭଗବାନ ପାତ୍ର, କୈଳାସ ସାହୁ ପ୍ରମୁଖ କବିତା ଆବୃତ୍ତି କରିଥିବା ବେଳେ ପଦ୍ମାଳୟା ପାଢ଼ୀ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ପରିଶେଷରେ ସାହିତ୍ୟ ସମାଜର କାର୍ଯ୍ୟାଳୟ ସମ୍ପାଦକ ନଳିନୀକାନ୍ତ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଇନଜୀବୀଙ୍କଠାରୁ ୫ ଲକ୍ଷ ୨୦ ହଜାର ଲୁଟ୍ ଘଟଣା**

# ଭଞ୍ଜନଗର ଓ ଆସିକାରୁ ୬ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୭ ।୩(ସମିସ)

ଏକ ଲୁଟ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସକୁ ମିଳିଛି ବଡ ସଫଳତା। ସ୍ଥାନୀୟ ଗୋଦାବରୀଶନଗର ନିବାସୀ ତଥା ଆଇନଜୀବୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ଠାରୁ ହୋଇଥିବା ଲୁଟ୍ ଘଟଣାରେ ପୁଲିସ ୬ଜଣ ଅଭିଯୁକ୍ତଙ୍କୁ ଭଞ୍ଜନଗର ଓ ଆସିକା ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଞ୍ଜନଗର ଜାମପଲ୍ଲୀ କନ୍ଧସାହିର ଚଣ୍ଡି ଦାସ(୩୦) ତାଙ୍କ ପତ୍ନୀ ଆଶା ଦାସ(୨୫) ଶାଶୁ ଆର. ଗଙ୍ଗା(୪୦), ଭଉଣୀ ଦୀପା ଦାସ(୩୫), ପଡ଼ୋଶୀ ଅଶାନ୍ତି ଦାସ(୪୦) ଓ ସହଯୋଗୀ ସ୍ଥାନୀୟ କାନ୍ତର ଜୟପୁର ଗ୍ରାମର ରାଜା ପ୍ରଧାନ(୨୦) ବୋଲି ପୁଲିସ କହିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ନଗଦ ଏକ ଲକ୍ଷ ୨୨ହଜାର ୬୨୦ଟଙ୍କା ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ୧୦ତାରିଖରେ ସ୍ଥାନୀୟ ଗିରିରୋଡ଼ ସ୍ଥିତ ୟୁନିୟନ ବ୍ୟାଙ୍କରୁ ଆଇନଜୀବୀ ରମେଶ ଚନ୍ଦ୍ର ପଣ୍ଡା ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଉକ୍ତ ବ୍ୟାଙ୍କ ନିକଟରେ ଚଣ୍ଡି ଦାସ ଓ ତାର ସହଯୋଗୀ ରାଜା ଆଇନଜୀବୀ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ଟାର୍ଗେଟ କରିଥିଲେ। ସେ ଧରିଥିବା



ଟଙ୍କା ବ୍ୟାଗକୁ ଲୁଟ୍ କରିବା ପାଇଁ ଉଭୟେ ଯୋଜନା କରିଥିଲେ। ପରେ ଆଇନଜୀବୀଙ୍କ

- ଗିରଫଙ୍କ ମଧ୍ୟରେ ୪ମହିଳା
- ୧ ଲକ୍ଷ ୨୩ ହଜାର ଟଙ୍କା ଜବତ
- ଜବତ ଟଙ୍କା ଆଇନଜୀବୀଙ୍କୁ ହସ୍ତାନ୍ତର

ପିଛା କରି କମାପଲ୍ଲୀରୁ ମେଡ଼ିକାଲ ଯିବା ରାସ୍ତାରେ ଚଣ୍ଡି ଦାସ ଆଇନଜୀବୀଙ୍କ ଉପରକୁ ବିସ୍କୁଟ ବତୁରା ବିସ୍କୁଟକୁ ଫୋପାଡି ପାଲଟା ସାର ଆପଣଙ୍କ ସାର୍ଟରେ ଝାଡ଼ା ପଡ଼ିଛି ବୋଲି କହିଥିଲା। ଏହା ଶୁଣିବାମାତ୍ରେ ଆଇନଜୀବୀ ଜଣକ ଘରକୁ ଗଲେ ସଫା କରିବି କହିଲେ ତଥାପି ଚଣ୍ଡି କହିଲେ ସାର ବହୁତ ଖରାପ ଲାଗୁଚି ଦେଖିବାକୁ। ଏଭଳି ଶୁଣି ଆଇନଜୀବୀ



ଜଣକ ଗାଡି ଅଟକାଇ ନିଜ ସାର୍ଟର ପଛଭାଗକୁ ପରଖି ଥିଲେ। ଠିକ ଏହି ସମୟରେ ଚଣ୍ଡି ଆଇନଜୀବୀ ଜଣକ ଧରିଥିବା ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଉକ୍ତ ବ୍ୟାଗରେ ମୋଟ ୫ଲକ୍ଷ ୨୦ହଜାର ଟଙ୍କା ଥିଲା। ପୂର୍ବ ଯୋଜନା ମୁତାବକ ଚଣ୍ଡିର ସହଯୋଗୀ ରାଜା କିଛି ବାଟ ଆଗରେ ଗାଡି ଧରି ଅପେକ୍ଷା କରିଥିଲା। ରାଜାର ଗାଡ଼ିରେ ବସି ଚଣ୍ଡି ସେଠାରୁ ଚମ୍ପଟ ମାରିଥିଲା। ଘଟଣାକୁ ନେଇ ଆଇନଜୀବୀ ଜଣକ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଏହି ଘଟଣାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଏହି ଟିମ ପୃଥକ ପୃଥକ ଭାବେ ବିଭିନ୍ନ ସ୍ଥାନରେ ଚଢଉ କରି ସିସିଟିଭି ଫୁଟେଜ ସଂଗ୍ରହ କରିଥିଲେ। ସିସିଟିଭି ଫୁଟେଜରୁ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଏଏସଆଇ ତଥା ତଦନ୍ତଅଧିକାରୀ ବିଜୟ ସୁନାଶଗଡ଼ଙ୍କ ଟିମ ଭଞ୍ଜନଗର ଓ ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ଆସିକା ଅଞ୍ଚଳରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

ଏହି ଚଢ଼ାଉରେ ଏସଆଇ ବିଭୁତି ଭୂଷଣ ସେଠୀ, ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନା ଓ ଏପିଆର କନେଷ୍ଟବଳ କାହ୍ନା ଡାକୁଆ ସାମିଲ ଥିଲେ। ଏହି ସଫଳତା ପାଇଁ ବ୍ରହ୍ମପୁର ଏସପି ଉକ୍ତ ଟିମକୁ ପ୍ରଶଂସା କରିଛନ୍ତି। ଅଭିଯୁକ୍ତଙ୍କ ଠାରୁ ଜବତ ହୋଇଥିବା ଟଙ୍କାକୁ ରବିବାର ବୈଦ୍ୟନାଥପୁର ଥାନାରେ ହସ୍ତାନ୍ତର କରାଯାଇଛି। ଗିରଫ ଅଭିଯୁକ୍ତମାନେ ଏରଗୋଲା ସମ୍ପ୍ରଦାୟର ଏବଂ ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ଗଉଞ୍ଜୁ ମଦ ଦୋକାନରେ ମାରପିଟ୍ ଘଟଣା: ଦୁଇ ଗିରଫ

- ହତ୍ୟା ମାମଲାରେ ରୂପାନ୍ତର ହେଲା ଆକ୍ରମଣ ମାମଲା
- ଅଭିଯୁକ୍ତଙ୍କଠାରୁ ଲୁହାରଡ ଓ ପ୍ଲାଷ୍ଟିକ୍ ପାଇପ୍ ଜବତ



**ବ୍ରହ୍ମପୁର, ୧୭ ।୩(ସମିସ):** ତେର ଗଉଞ୍ଜୁ ଦେଶୀମଦ ଦୋକାନ ନିକଟରେ ହୋଇଥିବା ଆକ୍ରମଣ ମାମଲା ଏବେ ହତ୍ୟାମାମଲାରେ ରୂପାନ୍ତର ହୋଇଛି। ଏହି ହତ୍ୟାମାମଲାରେ ଗୋପାଳପୁର ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ନାରାୟଣ ଦାସ(୩୭) ଓ ପ୍ରଦୀପ ଦାସ (୨୭)। ପୁଲିସ ଅଭିଯୁକ୍ତଙ୍କ ଠାରୁ ଏକ ଲୁହା ରଡ଼ ଓ ପ୍ଲାଷ୍ଟିକ ପାଇପ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୧୪ତାରିଖ ରାତି ୮ଟା ସମୟରେ ଗଉଞ୍ଜୁ ଗ୍ରାମର କାଳୁ ଦାସ, ମୁନା ଦାସ ତେର ଗଉଞ୍ଜୁ ଗ୍ରାମରେ ଥିବା ମଦଭାଟିକୁ ଯାଇଥିଲେ। ସେଠାରେ ପ୍ରଦୀପ ଦାସ ଓ ଭିକାରୀ ଦାସଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେଥିରେ ମୁନା ଓ କାଳୁ ହସ୍ତକ୍ଷେପ କରିବାରୁ ପ୍ରଦୀପ ଦାସ ସେଠାରେ ଥିବା ଏକ ଲୁହା ରଡ଼ରେ ମୁନା, ଭିକାରୀ ଓ କାଳୁଙ୍କୁ ଆକ୍ରମଣ କରିଥିଲା। ସେହି ସମୟରେ ପ୍ରଦୀପର ସହଯୋଗୀ ନାରାୟଣ ଦାସ, ମୁନା ଓ କାଳୁଙ୍କୁ ଧରି ପ୍ରଦୀପକୁ ମାରିବାକୁ କହିଥିଲା। ଯଦ୍ୱାରା ମୁନା ଓ ଭିକାରୀ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଗୁରୁତର ମୁନାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁନାଙ୍କ ମୃତ୍ୟୁ ପରେ ଏହି ମାମଲାଟି ହତ୍ୟା ମାମଲାରେ ରୂପାନ୍ତରିତ କରିଛି। ଘଟଣାରେ ଆଉ କାହାରି ସମ୍ପୃକ୍ତି ରହିଛି ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶରତ କୁମାର ମାହାଲିକ ସୂଚନା ଦେଇଛନ୍ତି।



ଇଡି ଅଧିକାରୀଙ୍କ ପରିଚୟ ଦେଇ ଟଙ୍କା ଆଦାୟ ମାମଲାରେ ଗିରଫ ଦୁଇ ଭାଇ

## ବାଇକ୍-ସ୍କୁଟି ଧକ୍କା; ୫ ଆହତ

**ବୁଗୁଡ଼ା, ୧୭ ।୩(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ କୁଆଁନଳା ବ୍ରିଜ୍ ନିକଟରେ ବାଇକ୍ ଓ ସ୍କୁଟି ଧକ୍କା ହେବା ଫଳରେ ୫ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର କଲେଜ ଛାତ୍ରୀ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁତର ଛାତ୍ରୀ ଜଣକ ହେଲେ ଗୋଲିଆ ଗ୍ରାମର ନିରିମା ପୋଲେଇ(୧୮) ଏବଂ ଆହତମାନେ ହେଲେ ପଟାଧର ଗ୍ରାମର ମିସ୍ତ୍ରୀ ପ୍ରଦୀପ ନାୟକ ଓ ଶ୍ରମିକ ବେଣୁ ନାୟକ, ଢୁଙ୍କାପଡ଼ା ଗ୍ରାମର ମିସ୍ତ୍ରୀ ଶୁକ୍ରୁ ନାହାକ, ଗୋଲିଆ ଗ୍ରାମର କାମିନୀ ବାଡତ୍ୟା(୧୬)। ପ୍ରକାଶ ଯେ, ପୋଲସରାରେ ଘର ତିଆରି କାମ ସାରି ଗୋଟିଏ ବାଇକ୍‌ରେ ପ୍ରଦୀପ, ବେଣୁ ଓ ଶୁକ୍ରୁ ବୁଗୁଡ଼ା ଅଭିମୁଖେ ଆସୁଥିଲା ବେଳେ ବୁଗଡ଼ାରୁ ସ୍କୁଟି ଯୋଗେ ନିରିମା ଓ କାମିନୀ ନିଜ ଗାଁ ଗୋଲିଆକୁ ଯାଉଥିଲେ। କୁଆଁନଳା ବ୍ରିଜ୍ ନିକଟରେ ଉଭୟ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁର୍ଘଟଣାରେ ଆହତ ସମସ୍ତଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ଦୁର୍ଘଟଣାରେ ନିରିମାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ଚାରି ଜଣ ସାମାନ୍ୟ ଆହତ ହୋଇଥବଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ନିରିମାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି।

**● ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କୁ ପୁଲିସର ନୋଟିସ**

# ସପ୍ତାହ ମଧ୍ୟରେ ବନ୍ଧୁକ ଜମା ଦେବାକୁ ନିର୍ଦ୍ଦେଶ

**ବ୍ରହ୍ମପୁର, ୧୭ ।୩(ସମିସ):** ଆସନ୍ତା ମେ ୧୩ତାରିଖରେ ୨୦୨୪ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କୁ ସେମାନଙ୍କ ବନ୍ଧୁକଗୁଡ଼ିକୁ ନିକଟସ୍ଥ ଥାନାରେ ସପ୍ତାହକ ମଧ୍ୟରେ ଜିମା କରିବାକୁ ନୋଟିସ ଜାରି କରାଯାଇଛି। ସାଧାରଣ ନିର୍ବାଚନ ଲାଗି ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ତୁରନ୍ତ ସେମାନଙ୍କ ବନ୍ଧୁକକୁ ଥାନାରେ ଦାଖଲ କରିବାକୁ କୁହାଯାଇଛି। ପୁଲିସ ଜିଲ୍ଲାରେ ମୋଟ ୨୯୭ଜଣ ଲାଇସେନ୍ସ ବନ୍ଧୁକଧାରୀ ଅଛନ୍ତି। ସେମାନଙ୍କ ମଧ୍ୟରେ ବ୍ୟବସାୟୀ, ନେତା ଓ ପ୍ରତିଷ୍ଠିତ ବ୍ୟକ୍ତି ସାମିଲ ଅଛନ୍ତି। ତେଣୁ ଲାଇସେନ୍ସଧାରୀଙ୍କୁ ସେମାନଙ୍କ ବନ୍ଧୁକ ଥାନାରେ ଜିମା ଦେବାଲାଗି କୁହାଯାଇଛି।

ଗୋପାଳପୁର, ଗୋଳନ୍ଥରା, ବଡ଼ବଜାର, ଟାଉନ ଥାନା, ଗୋଷାଣିନୁଆଗାଁ, ନିମଖଣ୍ଡି, ସଦର, ଜରଡ଼ା ଓ ଦିଗପହଣ୍ଡି ଆଦି ସମସ୍ତ ଥାନା ଅଞ୍ଚଳରେ ଥିବା ପ୍ରାୟ ୧୫୦ରୁ ଅଧିକ ଲାଇସେନ୍ସଧାରୀଙ୍କୁ ଥାନାରେ ବନ୍ଧୁକ ଜିମା ଦେବାକୁ ରବିବାର ନୋଟିସ କରାଯାଇଛି। ବେଆଇନ ବନ୍ଧୁକ କାରବାର ଦୃଷ୍ଟିକୁ ଆସିଲେ ସେମାନଙ୍କ ବିରୁଦ୍ଧରେ ଆର୍ମସ ଆକ୍ଟ-୧୯୫୯ଧାରା ୨୬/୨୭ରେ ଅଭିଯୋଗ ଦାୟର କରାଯାଇଥାଏ। ପୁଲିସ ପକ୍ଷରୁ ଏହି ଚୋରା କାରବାର ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ବେଆଇନ ବନ୍ଧୁକଧାରୀ ତଥା ଚୋରା କାରବାର କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଦାୟିତ୍ୱ ଗ୍ରହଣ କରିବା ପରେ ମାତ୍ର ୨ଜଣ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ନିର୍ବାଚନ ଲାଗି ଆଚରଣ ବିଧି ଲାଗୁ ହୋଇସାରିଛି। ତେଣୁ ସମସ୍ତ ଥାନା ଅଧିକାରୀଙ୍କୁ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କୁ ନୋଟିସ କରି ସେମାନଙ୍କ ବନ୍ଧୁକଗୁଡିକିକୁ ନିକଟସ୍ଥ ଥାନାରେ ଜିମା କରିବାକୁ ଦେବାକୁ କହିଛନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ ସମୟରେ ଅପରାଧୀମାନେ ଅପରାଧ ଭିଆଇବା ପାଇଁ ବିଭିନ୍ନ ପ୍ରକାରର ବନ୍ଧୁକ ବ୍ୟବହାର କରିଥାନ୍ତି। ବନ୍ଧୁକ ମୁନରେ ଲୋକଙ୍କୁ ଡ଼ରାଇ ଧମକାଇ ନିଜ ଅପରାଧୀକ ସାମ୍ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଥାନ୍ତି। ଏହାସହ ବନ୍ଧୁକ ବ୍ୟବହାର କରି ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଦାଦାବଟି ଆଦାୟ କରିଥାନ୍ତି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୪ବର୍ଷ ପୂର୍ବେ ଏଭଳି ମାମଲା ଅଧିକ ରୁଜୁ ହେଉଥିଲା ହେଲେ ବର୍ତ୍ତମାନ ଏହା ଧୀରେ ଧୀରେ କମିବାରେ ଲାଗିଛି। କିନ୍ତୁ ଏବେ କିଛି ଅପରାଧୀ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ବନ୍ଧୁକ ମୁନରେ ଅପରାଧ କରିଛନ୍ତି। ସହରରେ ଏବେ ଗ୍ୟାଙ୍ଗଷ୍ଟର ନୁହେଁ ସିନ୍ଧିଚୋର ଓ ଲୁଟେରାଙ୍କ ଅଣ୍ଟିରେ ବନ୍ଧୁକ ରହୁଛି। ଏହାର ସାହାଯ୍ୟରେ ସେମାନେ ଚୋରି, ଡକାୟତି ଓ ନିଶା କାରବାର ଆଦି କରି ମାଲାମାଲ ହେଉଛନ୍ତି। କିଛି ବନ୍ଧୁକଧାରୀ ବ୍ରହ୍ମପୁର ବଡ଼ ମେଡ଼ିକାଲ ଖେଳପଡ଼ିଆ ନିକଟରେ ବସି ଚୋରି, ଡକାୟତି ଓ ନିଶା କାରବାର ଆଦିକୁ କିଭଳି ଅଧିକରୁ ଅଧିକ କରିହେବ ତାହାକୁ ନେଇ ଏମାନେ ଯୋଜନା କରିଥାନ୍ତି।

କହିବାକୁ ଗଲେ ଅପରାଧୀଙ୍କ ପାଇଁ ସହରର ସବୁଠାରୁ ସୁରକ୍ଷିତ ସ୍ଥାନ ହେଉଛି ମେଡ଼ିକାଲ ଖେଳପଡ଼ିଆ। ଅନ୍ୟପକ୍ଷରେ ବାଲିମାଫିଆ, ଟେଣ୍ଡର ଫିକ୍ସିଂ ଆଦିରେ ଲିପ୍ତ ରହୁଥିବା ଗ୍ୟାଙ୍ଗଷ୍ଟର ବନ୍ଧୁକ ବ୍ୟବହାର କରୁଛନ୍ତି। ଦିନକୁ ଦିନ ବନ୍ଧୁକ ବ୍ୟବହାର କରିବା ଅନେକଙ୍କ ପାଇଁ ଏକ ସଉକ ପାଲଟିଯାଇଛି। ଅନଲାଇନ୍ ମାଧ୍ୟମରେ ଚୋରାରେ କମ୍ ଦାମରେ ବନ୍ଧୁକ ମିଳିଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଯାହାଫଳରେ ସହର କିମ୍ବା ସହର ଉପକଣ୍ଠରେ ଚୋରା ବନ୍ଧୁକ ବ୍ୟବହାର ସଂଖ୍ୟା ବୃଦ୍ଧି ପାଇପାରେ ଲାଗିଛି। ବର୍ତ୍ତମାନ ବ୍ରହ୍ମପୁର ପୁଲିସ ଜିଲ୍ଲା ଅଶାନ୍ତ ରହିଛି। ତେଣୁ ପୁଲିସ ସମସ୍ତ ପଦକ୍ଷେପ ଆଗୁଆ ନେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କିଛି ଲାଇସେନ୍ସ ପ୍ରାପ୍ତ ବନ୍ଧୁକଧାରୀ ସେମାନଙ୍କ ବନ୍ଧୁକ ଥାନାରେ ଜିମା ଦେଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଗଞ୍ଜେଇ ଜବତ ଓ ପୁଲିସକୁ ଆକ୍ରମଣ ମାମଲାରେ ୫ ଗିରଫ

**ବ୍ରହ୍ମପୁର, ୧୭ ।୩(ସମିସ):** ଗତ ୧୫ତାରିଖ ସନ୍ଧ୍ୟାରେ କେ ନୂଆଗାଁ ଥାନା ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଇଥିଲା। ଏହି ସମୟରେ ଦୁଇଜଣ ଯୁବକ ଏକ ବାଇକରେ ଦ୍ରୁତ ଗତିରେ ଆସୁଥିଲେ। ଏମାନଙ୍କୁ ଦେଖି ପୁଲିସ କର୍ମଚାରୀମାନେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୨୪କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହି ମାମଲାରେ ଅନ୍ୟ ଦୁଇଜଣ ଯୁବକ ସହଯୋଗ କରିଥିଲେ। ଗଞ୍ଜେଇ ଜବତ ବେଳେ ପେନୁସ ପାଣି ନାମକ ଜଣେ ଯୁବକ ପୁଲିସ କର୍ମଚାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଉପରୋକ୍ତ ଦୁଇଟି ମାମଲାରେ ପୁଲିସ ମୋଟ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ରର ସନ୍ଦେଶ, ପ୍ରଭାକର, ପଟେଲ ଓ ପ୍ରେମ କୁମାର ପେସୱାନୀ, ଗଜପତି ଜିଲ୍ଲାର ରୁନା ଚିଞ୍ଚାନି ଉବେଦ ରଇତ, ପେନୁସ ପାଣି।

## ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱାନ୍ତ

**ଦିଗପହଣ୍ଡି, ୧୭ ।୩(ସମିସ):** ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ବିରିବାଡିଆ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଦୁଇ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। କ୍ଷତିଗ୍ରସ୍ତ ଦୁଇ ପରିବାର ମୁଖିଆ ହେଲେ ସୁଜାତା ମଳିକ ଓ ବିଜୟ ମଳିକ। ଦୁଇ ପରିବାର ଲୋକେ କାମ ପାଇଁ ବାହାରକୁ ଯାଇଥିବାବେଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ସମସ୍ତ ଖାଦ୍ୟ ସାମଗ୍ରୀ ଓ ଆସବାବପତ୍ର ସମେତ ଦୁଇ ବଖରା ଲେଖାଏଁ ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଅମୀନ ଧୀରେନ୍ଦ୍ର କୁମାର ପାଢ଼ୀ ରିପୋର୍ଟ ସଂଗ୍ରହ କରିଥିବାବେଳେ ସ୍ଥାନୀୟ ସରପଞ୍ଚ ବି. ଲିଙ୍ଗରାଜ ଦୋରା କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ଚୁଡ଼ା, ଚାଉଳ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଥିବା ଜଣାପଡ଼ିଛି।

**ଜଳସେଚନ ସମସ୍ୟା ଯୋଗୁଁ ଚାଷୀ ହତାଶ**

# ସୂର୍ଯ୍ୟମୁଖୀ ଚାଷ ପ୍ରତି କମୁଛି ଆଗ୍ରହ

ଭଞ୍ଜନଗର, ୧୭ ।୩(ସମିସ)

ସୂର୍ଯ୍ୟମୁଖୀ ଫୁଲ ଚାଷରେ ଅଧିକ ଲାଭ ହେଉଥିବା ଦେଖି ଚାଷୀମାନେ ଏହି ଚାଷ ପାଇଁ ମନ ବଳାଉଥିବା ବେଳେ ଜଳସେଚନ ଏଥିରେ ବାଧା ସୃଷ୍ଟି କରିଛି। ଖୋଲା ବଜାରରେ ଖାଇବା ତେଲର ଦର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଗଞ୍ଜାମ ଜିଲ୍ଲାରେ ହେଉଥିବା ବିଭିନ୍ନ ତୈଳଜାତୀୟ ଫସଲ ପ୍ରତି ଚାଷୀଙ୍କ ଆଗ୍ରହ କମିବାରେ ଲାଗିଛି। ବିଶେଷକରି ସୂର୍ଯ୍ୟମୁଖୀ ଭଳି ଲାଭଜନକ ଫସଲ ଚାଷ ପ୍ରତି ଭଞ୍ଜନଗରର ଚାଷୀ ବିମୁଖ ହେଲେଣି। ପୂର୍ବରୁ ଭଞ୍ଜନଗର କୃଷି ଜିଲ୍ଲା ଅଧୀନ ୪ଟି ବ୍ଲକରେ ହଜାର ହଜାର ହେକ୍ଟର ଜମିରେ ଏହି ଫସଲ ଚାଷ ହେଉଥିବା ବେଳେ ଚଳିତ ବର୍ଷ ମାତ୍ର ୨୬୨ ହେକ୍ଟର ଜମିରେ ଏହି ଚାଷ ହୋଇଛି। ସରକାରୀ ପ୍ରୋତ୍ସାହନ ସାଙ୍ଗକୁ ଜଳସେଚନର ସୁବିଧା ନଥିବାରୁ ଇଚ୍ଛା ଥିଲେ ମଧ୍ୟ ଚାଷୀ ଏହି ଚାଷରୁ ମୁହଁ ମୋଡୁଛନ୍ତି।



ମିଳିଥିବା ତଥ୍ୟ ଅନୁସାରେ ଭଞ୍ଜନଗର କୃଷି ଜିଲ୍ଲା ଅଧୀନ ୪ଟି ବ୍ଲକର ମୁଦୁଲିପଲ୍ଲୀ, ଜିଲୁଣ୍ଡି, ସାନ କୋଦଣ୍ଡା, ତୁମା କୁମ୍ଭା, ମୁଜାଗଡ଼, ବାଇବାଲି, ଗାଲେରୀ, ତୁରୁମୁ, କୁଲାଡ, ଗୋଲାପଡ଼ା, ଗୁଣ୍ଡୁରିବାଡି, ଦୋ ମୁହାଣି, ବାରୁଡା, କରସିଂ, ମୋଟାବାଡି, ଗୋଳିଆ, ଗୋଳାବନ୍ଧ, କଳମ୍ବ, ପାଙ୍ଗିଡି, ଭାମ ଶିଆଳି, ତାରସିଂ, କୋଳକବା, ଜିରାବାଡି, ଛାମୁଣ୍ଡା, ଗେରେଡା, କୁମ୍ଭାପଡ଼ା, ରାଉତି, ବଡ ପଡ଼ା, ତନରଡା, ଖଇରପୁଟି, ପାଇଲି ପଡ଼ା, ଗୋବରା, ଇଙ୍ଗ ନାଠି, ଦୁବୁ ଲୁଣ୍ଡା, ରତଙ୍ଗ, କୁରୁଳାଇ, ଧୁମୁଛାଇ ଭଳି ବିଭିନ୍ନ ସ୍ଥାନରେ ଶହ ଶହ ହେକ୍ଟର ଜମିରେ ବହୁଳ ମାତ୍ରାରେ ଏହି ସୂର୍ଯ୍ୟମୁଖୀ ଚାଷ ହେଉଥିଲା। ହେଲେ ଚଳିତବର୍ଷ ଭଞ୍ଜନଗର ବ୍ଲକର ୫୦ ହେକ୍ଟର, ବେଲଗୁଣ୍ଠା ବ୍ଲକର ୫୫ ହେକ୍ଟର, ଜଗନ୍ନାଥପ୍ରସାଦ ବ୍ଲକର ୧୨୦ ହେକ୍ଟର ଓ ବୁଗୁଡା ବ୍ଲକର ମାତ୍ର ୩୭ ହେକ୍ଟର ଜମିରେ ଏହି ଫୁଲ ଚାଷ ହୋଇଛି। କୃଷି ବିଭାଗ ପକ୍ଷରୁ କେବିଏସଏଚ୍-୫୩ ଓ କାବେରୀ ଭଳି କିସମର ସୂର୍ଯ୍ୟମୁଖୀ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇ ଥିବା ବେଳେ ଡିବିଟି ଜରିଆରେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଚାଷୀଙ୍କ କହିବା ପ୍ରକାରେ ଏହା ଲାଭଜନକ ଫସଲ ହୋଇଥିଲେ ବି ଏହି ଚାଷ ପାଇଁ ଆବଶ୍ୟକ ଉନ୍ନତମାନର ବିହନ, ରାସାୟନିକ ସାର ଓ କୀଟନାଶକ ସମେତ ସରକାରୀ ପ୍ରୋତ୍ସାହନ ସଠିକ୍ ସମୟରେ ମିଳୁନାହିଁ। ସେହିଭଳି ସୂର୍ଯ୍ୟମୁଖୀ ଚାଷ ପାଇଁ ପର୍ଯ୍ୟାପ୍ତ ପରିମାଣର ଜଳସେଚନର ଆବଶ୍ୟକତା ଥିବା ବେଳେ ବିଭିନ୍ନ ସ୍ଥାନରେ ଜଳଭଣ୍ଡାର ଶୁଖି ଗଲାଣି। ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡ଼ିଛି। ଏହା ସହ ଫସଲରେ ବିଭିନ୍ନ ପତଙ୍ଗଙ୍କ ପ୍ରାଦୁର୍ଭାବ ଯୋଗୁଁ ଚାଷୀ ଏହି ଚାଷରୁ ମୁହଁ ମୋଡୁଛନ୍ତି। ଏ ଦିଗରେ କୃଷି ବିଭାଗ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ଉଠିଛି।

## ନିଷ୍ଟରେ ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ବ୍ରହ୍ମପୁର, ୧୭ ।୩(ସମିସ):** ପାଲୁରହିଲ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ପି. ରାଜେଶ କୁମାର, ପ୍ରଶାସନ ମୁଖ୍ୟ ଇଂ. ସୟଦ ସୁଲେମାନ ଅଲି, କୁଳସଚିବ ଡ. ବିଷ୍ଣୁଙ୍କର ନାୟକ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ମାର୍ଚ୍ଚ ୧୨ରୁ ୧୬ତାରିଖ ପର୍ଯ୍ୟନ୍ତ ଚାଲିଥିବା ବେଳେ ଓଡ଼ିଶାର ୧୦ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ କ୍ରିକେଟ, ଭଲିବଲ, କବାଡି, ଖୋ-ଖୋ, ବାସ୍କେଟ ବଲ ଓ ବ୍ୟାଡ଼ମିନଟନ ଇତ୍ୟାଦି ପ୍ରତିଯୋଗୀତା ହୋଇଥିଲା। ଏହାକୁ କ୍ରୀଡ଼ା ଶିକ୍ଷକ ସରୋଜ କୁମାର ପାଢ଼ୀ, ବାସନ୍ତୀ ପାତ୍ର, ଧରଣୀଧର ଡାକୁଆଙ୍କ ପରିଚାଳନା କରିଥିଲେ। ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. କୃଷ୍ଣ ପ୍ରସାଦ, ହରିକୃଷ୍ଣ ଗନ୍ତାୟତ, ସୁଜିତ ସେଠୀ, ମିଟୁ ବରାଳ, ମୁନା ମହାନ୍ତି, ସୌମ୍ୟ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ୨୦୨୪ ସାଧାରଣ ନିର୍ବାଚନ

# ଆଚରଣବିଧି କଡ଼ାକଡ଼ି କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଫୁଲବାଣୀ,୧୭।୩(ସମିସ):** ଭାରତର ନିର୍ବାଚନ ଆୟୁକ୍ତ ଓଡ଼ିଶାର ୨୧ଟି ଲୋକସଭା ଏବଂ ୧୪୭ଟି ବିଧାନସଭା ଆସନ ପାଇଁ ଏକକାଳୀନ ସାଧାରଣ ନିର୍ବାଚନ ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏହି କ୍ରମରେ ଶନିବାର ଠାରୁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଘୋଷଣା ଅନୁଯାୟୀ, କନ୍ଧମାଳ ଜିଲ୍ଲାରେ ପଞ୍ଚମ ପର୍ଯ୍ୟାୟର କାର୍ଯ୍ୟସୂଚୀ ଅନୁସାରେ ମତଦାନ ହେବ। କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ରବିବାର ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ନେଇ ଭର୍ଚ୍ଚୁଆଲ୍ ମୋଡ୍‌ରେ ଏକ ବୈଠକର ଆୟୋଜନ କରି ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣବିଧି ଉପରେ ଆଲୋଚନା କରିଥିଲେ। ଏହାର ମୂଳ ଲକ୍ଷ୍ୟ ହେଲା ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ତାରିଖଠାରୁ ନିର୍ବାଚନ ଫଳାଫଳ ଘୋଷଣା ପରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ଏଥିରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ନିର୍ବାଚନ ପ୍ରଚାର ପାଇଁ କ'ଣ କରାଯିବ ଓ କରାଯିବ ନାହିଁ ସେ ନେଇ ପରାମର୍ଶ ଦେଇଥିଲେ।



ପ୍ରଚାର ପାଇଁ ସରକାରୀ ଗାଡ଼ିର ବ୍ୟବହାର ଉପରେ ଥିବା କଟକଣା, ସମ୍ପୃକ୍ତ ସରକାରୀ ଅଧିକାରୀଙ୍କର ଉପଯୁକ୍ତ ଅନୁମତି ବିନା ସଭା/ରାଲି/ଲାଉଡ୍ ସ୍ପିକର / ଗାଡି/ସାର୍ବଜନୀନ ପଡ଼ିଆ/ଗେଷ୍ଟ ହାଉସ୍ ଆୟୋଜନ ଉପରେ କଟକଣା, ରାଜନୈତିକ ବିଜ୍ଞାପନର ପ୍ରାକ୍ ସାର୍ଟିଫିକେସନ, ପେଡ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧ୍ୟମ ଦ୍ୱାରା ସମ୍ବାଦ ପରିବେଷଣ ଆଳରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନେବା, ନିର୍ବାଚନୀ ପୋଷ୍ଟର, ପ୍ରଚାରପତ୍ର, ହାଣ୍ଡବିଲ୍ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ପ୍ରିଣ୍ଟରଙ୍କ ନାମ, ଠିକଣା ଓ ମୁଦ୍ରିତ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ନ ପାଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଭୋଟରଙ୍କୁ ପ୍ରଭାବିତ କରିବାର ପ୍ରଭାବ ଥିବା ନୂତନପ୍ରକଳ୍ପ/କାର୍ଯ୍ୟକ୍ରମ/ଆର୍ଥିକ ଅନୁଦାନ ଘୋଷଣା ଉପରେ କଟକଣା, ବ୍ୟକ୍ତିଗତ ଗସ୍ତରେ ଥିବା ସରକାରୀ ଅଧିକାରୀ ରାଜନୈତିକ ଅଧିକାରୀଙ୍କ ନିର୍ବାଚନୀ କାର୍ଯ୍ୟରେ ସହଯୋଗ ଉପରେ କଟକଣା, ଆଦର୍ଶ ଆଚରଣବିଧି ଉଲ୍ଲଂଘନ କ୍ଷେତ୍ରରେ ଟୋଲ୍ ଫ୍ରି ନମ୍ବର୧୯୫୦ରେ ଅଭିଯୋଗ ଏବଂ ଅଭିଯୋଗ ମନିଟରିଂ ସିଷ୍ଟମ ୨୪ ଘଣ୍ଟିଆ କାର୍ଯ୍ୟକାରୀ ହେବା, ଜିଲ୍ଲା ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହେବା ଉପରେ ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋଚନା କରିଥିଲେ। ଏଜେନ୍ସିମାନଙ୍କର ୱାର୍କ ଅର୍ଡର ଓ ତ'ର ଇସ୍ୟୁ ରେଜିଷ୍ଟର ସିଜ୍ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ କାମ ପୂର୍ବରୁ ଆରମ୍ଭ ହୋଇଯାଇଛି ସେଗୁଡ଼ିକର ତାଲିକା ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବିନା ଅନୁମତିରେ କୌଣସି ବୈଠକ କରାଯିବ ନାହିଁ। ସି.ଭିଜଲ୍ ଆପ୍‌ରେ କୌଣସି ଅଭିଯୋଗ ଆସିଲେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍ ସେଠାକୁ ତୁରନ୍ତ ପଠାଯିବ ଏବଂ ଟିମ୍ ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଚାଲୁ ରହିଥିବା ସରକାରୀ ଯୋଜନାର ପ୍ରଚାର ପ୍ରସାର କରାଯିବ ନାହିଁ। ସରକାରୀ କାର୍ଯ୍ୟାଳୟ କିମ୍ବା ସର୍ବସାଧାରଣ ସ୍ଥାନରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ତୁରନ୍ତ ହଟାଇବାକୁ କିମ୍ବା ସମ୍ପୂର୍ଣ୍ଣ କଭର କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରଚାର ପାଇଁ ଫଟୋ ଲାଗିଥିବା ଆଶଙ୍କାରେ ଜିଲ୍ଲା ବାହାରୁ ଆସୁଥିବା ଗାଡ଼ି ଏପରିକି ଜିଲ୍ଲାର ସରକାରୀ ଅଧିକାରୀଙ୍କ ଗାଡ଼ିଗୁଡ଼ିକୁ ମଧ୍ୟ ଅଟକାଇ ଯାଞ୍ଚ କରିବାକୁ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି, ପେଟ୍ରୋଲ୍ ପମ୍ପରେ ଲାଗିଥିବା ଫଟୋ ହଟାଇବାକୁ ନିର୍ଦ୍ଦେଶ ଦେବା ସହିତ ପ୍ରଚାର ପାଇଁ ବାହାରୁ ଆସିଥିବା ଏଲ୍‌ଇଡି ଭ୍ୟାନ୍ ଯୁକ୍ତ ଗାଡ଼ିକୁ ଅଟକାଇ ରାଜ୍ୟ ଏମ୍‌ସିଏମ୍‌ସିର ପ୍ରାକ୍ ସାର୍ଟିଫିକେସନ ହୋଇଛି କି ନା ଯାଞ୍ଚ କରିବାକୁ କୁହାଯାଇଥିଲା। ଏମ୍‌ପି ବା ଏମ୍‌ଏଲ୍‌ଏ ଲ୍ୟାଡ୍‌ରୁ ମିଳିଥିବା ଗାଡ଼ିରୁ ଫଟୋ ହଟାଯିବା ସହିତ କୌଣସି ଯୋଜନାରେ ନୂଆ ହିତାଧିକାରୀଙ୍କ ନାମ ଯୋଡ଼ା ଯିବନାହିଁ ବୋଲି କହିଥିଲେ। ଯଦି କୌଣସି ଅଧିକାରୀ, ସଂସ୍ଥା ଏବଂ ବ୍ୟକ୍ତି ବିଶେଷ ଏହି ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରି କୌଣସି କାର୍ଯ୍ୟ କରନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ।

# ବାଇକ୍‌କୁ ପିଟିଲା ବାଇକ୍; ୩ ଆହତ

**ଫିରିଙ୍ଗିଆ,୧୭।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟରାସ୍ତାର କୁଡୁକି ଛକ ନିକଟରେ ରବିବାର ଏକ ଦୁର୍ଘଟଣାରେ ଦୁଇଜଣ ବାଇକ୍ ଚାଳକ ଆହତ ହୋଇଥିବା ବେଳେ ଜଣେ ଗର୍ଭବତୀ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପବିଙ୍ଗିଆ ପଞ୍ଚାୟତ ନେଡିସାହି ଗାଁର ସରୋଜ ନାଏକ ତାଙ୍କ ସ୍ତ୍ରୀଙ୍କୁ ନେଇ ଖଜୁରୀପଡ଼ା ବ୍ଲକ ଅରାପାଜୁ ପଞ୍ଚାୟତ ଦରଡ଼ାଗାରୁ ତାଙ୍କ ଶଶୁର ଘରକୁ ବାଇକ୍‌ରେ ଯାଇଥିଲେ। କାମ ସାରି ନିଜ ଗାଁକୁ ଫେରୁଥିବା ସମୟରେ ଫିରିଙ୍ଗିଆ ପଟୁ ଫୁଲବାଣୀ ଦ୍ରୁତଗତିରେ ଯାଉଥିବା ଏକ ବାଇକ୍ କୁଡୁକି ଛକ ନିକଟରେ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ବାଇକ୍‌ରେ ବସିଥିବା ମହିଳା ଜଣକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ସ୍ୱାମୀ ସାମାନ୍ୟ ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ସରୁକୋଇ ଗାଁର ପ୍ରବୀଣ ମଳିକ ମଧ୍ୟ ଆହତ ହୋଇଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ଆହତଙ୍କୁ ଫୁଲବାଣୀ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତର ଆହତ ହୋଇଥିବା ମହିଳା ଜଣକ ଗର୍ଭବତୀ ଥିବା ବେଳେ ତାଙ୍କ ପେଟ ଓ ମୁଣ୍ଡରେ ଘଭୀର ଆଘାତ ଲାଗିଛି।



# ସିଯୁଟିଏମ୍‌ରେ ଛାତ୍ର ଅସନ୍ତୋଷ; ପୁଲିସକୁ ଆକ୍ରମଣ

**ଗୋଷାଣି,୧୭ ।୩(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ତଥା ଗୋଷାଣି ବ୍ଲକ ଆର୍.ସୀତାପୁର ଗ୍ରାମ ନିକଟରେ ଥିବା ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟରେ କୌଣସି କାରଣକୁ ନେଇ ଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।




ଶନିବାର ବିଳମ୍ବିତ ରାତ୍ରିରେ ଛାତ୍ର ଉତ୍ତେଜିତ ହୋଇ କ୍ୟାମ୍ପସ ମଧ୍ୟରେ ହାଙ୍ଗାମା କରିଥିବା ଭିଡିଓ ଭାଇରାଲ୍ ହୋଇଛି। ସୂଚନା ମୁତାବକ, ରାତିରେ ଛାତ୍ର ସଂଘବଦ୍ଧ ହୋଇ ସିଯୁଟିଏମ୍ କ୍ୟାମ୍ପସରେ ହୋ ହାଲ୍ଲା କରିଥିଲେ। କାହା ବିରୋଧରେ ଅସନ୍ତୋଷ ପ୍ରକଟ କରୁଥିଲେ ସ୍ପଷ୍ଟ ଭାବେ ଜଣାପଡ଼ି ନ ଥିଲେ ମଧ୍ୟ ଗୁରାଣ୍ଡି ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଥିବା ବେଳେ କେତେକ ଅଣ ଓଡ଼ିଆ ତଥା ବାହାର ରାଜ୍ୟର ଛାତ୍ର ପୁଲିସକୁ ଆକ୍ରମଣ କରିଥିଲେ। ଜଣେ କନଷ୍ଟେବଲଙ୍କୁ ମାଡ଼ ମାରିଥିବା ବେଳେ ଜଣେ ଏଏସ୍‌ଆଇଙ୍କୁ ଟଣାଓଟରା କରିଥିଲେ। ଏହାପରେ ପାରଳାଖେମୁଣ୍ଡିରୁ ଅଧିକ ପୁଲିସ୍ ଫୋର୍ସ ପହଞ୍ଚି ଉତ୍ତେଜିତ ଛାତ୍ରଙ୍କୁ ବୁଝାସୁଝା କରିଥିଲେ। ହେଲେ କୌଣସି କାରଣରୁ ଉତ୍ତେଜିତ ଛାତ୍ର ପଛଘୁଞ୍ଚା ଦେଇ ନ ଥିଲେ ମଧ୍ୟ ପୁଲିସ ଘଉଡ଼ାଇବାରୁ ସେମାନେ ନିଜ ନିଜ କ୍ୟାମ୍ପସ ମଧ୍ୟକୁ ଯାଇଥିଲେ। ଏପରିକି କିଛି ଛାତ୍ର ପୁଲିସ ମାଡ଼ ମାରିଥିବାର କହି ଭିଡିଓ ଭାଇରାଲ୍ କରିଛନ୍ତି। ଏନେଇ ନା ସିଯୁଟିଏମ୍ କର୍ତ୍ତୃପକ୍ଷ କିମ୍ବା ପୁଲିସ ମୁହଁ ଖୋଲୁନାହାନ୍ତି। ରବିବାର ମଧ୍ୟ ସିଯୁଟିଏମ୍ କଲେଜ ପରିସରରେ ବ୍ୟାପକ ପୁଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି।

## ଭିକ୍ଷୁକ ମହିଳାଙ୍କ ବଦାନ୍ୟତା ଘଟଣା

# ଶନିବାର ହେଲା ଗୃହପ୍ରବେଶ

**ଫୁଲବାଣୀ,୧୭।୩(ସମିସ):** ଫୁଲବାଣୀ ସହରର ଜଣେ ମହିଳା ୧୬ ଡିସେମ୍ବର ୨୦୨୨ ମସିହାରେ ଦେଖାଇଥିଲେ ବଦାନ୍ୟତା। ନିଜେ ବର୍ଷ ବର୍ଷ ଧରି ଫୁଲବାଣୀ ଜଗନ୍ନାଥ ମନ୍ଦିର ଦୁଆରେ ବସି ଭିକ୍ଷା ମାଗି ଯେଉଁ ପୁଞ୍ଜି ଯୋଗାଡ଼ କରିଥିଲେ ତାହାକୁ ସେ ଜଗନ୍ନାଥଙ୍କ ଚରଣରେ ହିଁ ସମର୍ପି ଦେଇଥିଲେ। ଜଗନ୍ନାଥ ମନ୍ଦିରର ପ୍ରଥମ ମନ୍ଦିର ସମ୍ପୂର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ରହିଥିବା ବେଳେ ତାହାର ଉନ୍ନତିକରଣ ପାଇଁ ସେ ମନ୍ଦିର ପରିଚାଳନା କମିଟିକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସେ ମହିଳା ଜଣକ ହେଉଛନ୍ତି ତୁଳା ବେହେରା। ସେହିଦିନ ହିଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମହିଳାଙ୍କୁ ଆଜୀବନ ସଦସ୍ୟ ଭାବେ ଗ୍ରହଣ କରାଯିବା ସହିତ ପ୍ରତ୍ୟେକ ଦିନ ମନ୍ଦିର ପାଇଁ ଯେଉଁ ଭୋଗ ହୋଇଥାଏ ତାଙ୍କର ନାମରେ ପ୍ରତ୍ୟେକ ଦିନ ଗୋଟିଏ ଭୋଗ ସେ ଗ୍ରହଣ କରିବେ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯିବା ସହିତ ଅସହାୟ ତୁଳାଙ୍କୁ ମନ୍ଦିର କମିଟି ପକ୍ଷରୁ ମନ୍ଦିର ନିକଟରେ ଏକ ନୂତନ ଗୃହ ନିର୍ମାଣ କରି ପ୍ରଦାନ କରାଯିବା ସହିତ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ମନ୍ଦିର କମିଟି ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତିଶ୍ରୁତି ପ୍ରକାରେ ତୁଳାଙ୍କୁ ମନ୍ଦିର କମିଟି ପକ୍ଷରୁ ମନ୍ଦିର ପରିସରରେ ଯୋଗାଇ ଦିଆଯାଇଛି ଏକ ନବନିର୍ମିତ ଗୃହ। ଶନିବାର ଥିଲା ତୁଳା ବେହେରାଙ୍କ ନୂତନ ଗୃହ ପ୍ରବେଶ ଉତ୍ସବ। ଏହି ଅବସରରେ ପୂଜାର୍ଚ୍ଚନା କରାଯିବା ସହିତ ଗୃହ ପ୍ରବେଶ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣା, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ସାହୁ, ସଭ୍ୟ ପ୍ରସନ୍ନ ବିଶୋୟୀ, ରଜତ ମହାନ୍ତି, ସରୋଜ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେ ସେଠାରେ ଶେଷ ଜୀବନ ପର୍ଯ୍ୟନ୍ତ ରହିବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ତୁଳାଙ୍କ ବୟସ ୭୨। ଦୀର୍ଘ ବର୍ଷ ତଳେ ପ୍ରଫୁଲ ବେହେରା ନାମକ ଜଣେ ଭିନ୍ନକ୍ଷମଙ୍କୁ ବିବାହ କରିଥିଲେ। ସେ ଭିକ୍ଷା ମାଗି ଚଳୁଥିଲେ। ପୁଲା-ଛୁଆ କେହି ନଥିବା ବେଳେ ପ୍ରାୟ ୨୩ ବର୍ଷ ତଳେ ସ୍ୱାମୀ ପ୍ରଫୁଲଙ୍କର ଦେହାନ୍ତ ହୋଇଛି। ଦୀର୍ଘ ବର୍ଷ ହେଲା ଫୁଲବାଣୀ ଜଗନ୍ନାଥ ମନ୍ଦିର, ଶିରିଡ଼ି ଯାଇ ମନ୍ଦିରରେ ଭିକ୍ଷାବୃତ୍ତି କରି ଜୀବନ ବିତାଉଥିଲେ। ଫୁଲବାଣୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ସେ ମନ୍ଦିର ଆଗରେ ବସି ଭିକ୍ଷା ବୃତ୍ତି କରି ଚଳୁଥିଲେ। ସଂସାରରେ ତାଙ୍କର ନିଜର ବୋଲି କେହି ନାହିଁ। ମନ୍ଦିର ସମ୍ମୁଖରେ ଏକ କୁଡ଼ିଆଟିଏ କରି ରହୁଥିଲେ। ମନ୍ଦିରର ପୂଜକ ଶଙ୍କର ଚନ୍ଦ୍ର ପାଢ଼ୀଙ୍କ ସହିତ ତାଙ୍କର ସବୁବେଳେ ସାକ୍ଷାତ ହେଉଥିବା ବେଳେ ଭିକ୍ଷାବୃତ୍ତିରୁ ଯାହା ଆୟ ହେବ ପୁରାତନ ମନ୍ଦିରର ପୁନରୁଦ୍ଧାର ପାଇଁ ତାହା ଦାନ କରିବେ ବୋଲି ଇଚ୍ଛା ରଖିଥିବା କହିଥିଲେ। ଏହି କ୍ରମରେ ଗତ ୨୦୨୨ ମସିହା ଡିସେମ୍ବର ୧୬ ତାରିଖରେ ଜଗନ୍ନାଥ ମନ୍ଦିରକୁ ଜୀବନ ସାରା ସଞ୍ଚିତ ପୁଞ୍ଜିକୁ ମନ୍ଦିର କମିଟିର ଦାନ କରିଥିଲେ। ମନ୍ଦିର ପରିଚାଳନା କମିଟି ପ୍ରତିଶ୍ରୁତି ପ୍ରକାରେ ତାଙ୍କର ମଧ ସମସ୍ତ କାର୍ଯ୍ୟ କରିଛି। ଏଭଳି କାର୍ଯ୍ୟ ଯୋଗୁଁ ମନ୍ଦିର ପରିଚାଳନା କମିଟିକୁ ବିଭିନ୍ନ ମହଲରେ ସାଧୁବାଦ ଜ୍ଞାପନ କରାଯାଇଛି।



# ପାଣକୁଳ ସମାଜ ଗୋଛାପଡ଼ା ଶାଖାର ବୈଠକ

ଫିରିଙ୍ଗିଆ, ୧୭।୩(ସମିସ): କନ୍ଧମାଳ ଜିଲ୍ଲା ପାଣକୁଳ ସମାଜ ଗୋଛାପଡ଼ା ଶାଖାର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ନିରଞ୍ଜନ ଦିଗାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଶାଖା ସମିତିର ନିର୍ବାଚନ ବିଷୟରେ ଆଲୋଚନା କରିବା ସହିତ ବିଭିନ୍ନ ପଞ୍ଚାୟତରେ ସଂଗଠନ ଗଠନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜାତିର ଉନ୍ନତି ବିଷୟରେ ଆଲୋଚନା କରାଯିବା ସହିତ ଅସମ୍ପୂର୍ଣ୍ଣ ଥିବା ଶାଖା ସମାଜ ଗୃହକୁ କିପରି ସମ୍ପୂର୍ଣ୍ଣ କରାଯିବ ସେଥିନେଇ ଆଲୋଚନା ହୋଇଥିଲା। ସମାଜର ରହିଥିବା ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଶ୍ରୀ ଦିଗାଲ କହିଥିଲେ। ଉକ୍ତ ବୈଠକରେ ଉପସଭାପତି ମୋହନ ଦିଗାଲ, ଉପଦେଷ୍ଟା ଚକ୍ରପତି ଦିଗାଲ ଓ ଗୋବିନ୍ଦ ଦିଗାଲ ଯୋଗ ଦେଇଥିଲେ। ସମ୍ପାଦକ



ରୁଦ୍ରମାଧବ ଦିଗାଲ ବୈଠକ ପରିଚାଳନା କରିଥିଲେ। ଗୋଛାପଡ଼ା ଶାଖା ଅନ୍ତର୍ଗତ ପଲାବୃଡି ପଞ୍ଚାୟତ ସଭାପତି ସଶିନ୍ଦ୍ର ଦିଗାଲ, ପାଏରାଜୁ ପଞ୍ଚାୟତ ସଭାପତି ତ୍ରିଲୋଚନ ଦିଗାଲ, ପକାରୀ ପଞ୍ଚାୟତ ସଭାପତି ଅରୁଣ ଦିଗାଲ, ଗୋଛାପଡ଼ା ପଞ୍ଚାୟତ ସଭାପତି କେମ ଦିଗାଲ ଯୋଗ ଦେଇଥିଲେ। ଅଞ୍ଚଳର ବୁଦ୍ଧିଜୀବୀ କିଆବନ ଦିଗାଲ, ବାଳକୃଷ୍ଣ ଦିଗାଲ, ଦେବଶ୍ୱର ଦିଗାଲ, ଗୋବିନ୍ଦ ଦିଗାଲ, ତାପସ ଦିଗାଲ ଏବଂ ଯୁବ ସଦସ୍ୟ ଜଗଦୀଶ ଦିଗାଲ, ସୁନାସିର ଦିଗାଲ, ଉମାଚରଣ ଦିଗାଲ ଓ କେଶବ ଦିଗାଲ ଉପସ୍ଥିତ ଥିଲେ।

# କଳିଙ୍ଗ ମହାବିଦ୍ୟାଳୟରେ ଯୁବ ସମ୍ବାଦ ଭାରତ କାର୍ଯ୍ୟକ୍ରମ

**ଜି.ଉଦୟଗିରି, ୧୭ ।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ତରଫରୁ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଆନୁକୂଲ୍ୟରେ ତଥା ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶାଳୟଙ୍କ ଅନୁଦାନରେ ଯୁବ ସମ୍ବାଦ ଭାରତ କାର୍ଯ୍ୟକ୍ରମ ଅଧକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡା. ଦେବବ୍ରତ ବାରିକ ଏବଂ ମୁଖ୍ୟବକ୍ତା ଭାବେ ଏନ୍‌ଏସ୍‌ଏସ୍ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇ ବିକଶିତ ଭାରତ ଗଠନରେ ଯୁବ ସମ୍ପ୍ରଦାୟ ପାଇଁ ପଞ୍ଚପ୍ରାଣର ଆବଶ୍ୟକତା ତଥା ଭାରତ-୨୦୪୭ ନିମନ୍ତେ ଯୁବ ସମ୍ପ୍ରଦାୟର ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପଞ୍ଚପ୍ରାଣର ମହତ୍ତ୍ୱ ଏବଂ ବିକଶିତ ଭାରତ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଶ୍ ମୁଠାମାଝି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡ଼ି ଦୁର୍ଘଟଣାଗ୍ରସ୍ତ



**ଜି.ଉଦୟଗିରି,୧୭ ।୩(ସମିସ):** ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ପରିଚାଳିତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡ଼ି ବିଶ୍ୱନାଥ ନଗର ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁଇଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡ଼ି ଫୁଲବାଣୀ ଯାଉଥିବା ବେଳେ ସଂଖସାହି ପରେ ବିଶ୍ୱନାଥ ନଗର ସମ୍ମୁଖରେ ଏକ ମଇଁଷିକୁ ଧକ୍କା ଦେଇଥିଲା। ଏଥିରେ ମଇଁଷି ଆହତ ହୋଇଥିବା ବେଳେ ଗାଡ଼ିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି।

# ନିର୍ମାଣର ଅଳ୍ପ ଦିନରେ ରାସ୍ତା ଫାଟି ଆଁ'



**ଫିରିଙ୍ଗିଆ, ୧୭।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ପାଙ୍ଗା ଉପର ସାହି ପଞ୍ଚାୟତ ମାଲା ଗ୍ରାମରେ ହୋଇଛି ଅତି ନିମ୍ନମାନର କାର୍ଯ୍ୟ। ମାଲାଠାରୁ ମାର୍କାଲି ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ରାସ୍ତାର ଉନ୍ନତିକରଣ ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ କାର୍ଯ୍ୟର ତଦାରଖ କନିଷ୍ଠ ଯନ୍ତ୍ରୀ ସୁନୀଲ ପାତ୍ର କରୁଥିଲେ। କାର୍ଯ୍ୟ ସ୍ଥାନୀୟ ଠିକାଦାର ଚନ୍ଦ୍ରମଣି ରଣାଙ୍କୁ ଦିଆଯାଇଥିଲା। ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ମାସେ ହୋଇ ନଥିବା ବେଳେ ରାସ୍ତାଟି ଫାଟି ଆଁ ହୋଇଛି। ଏ ବିଷୟରେ ଉକ୍ତ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ପଚାରିବାରୁ ସେ ରାସ୍ତା କାମ କେମିତି ହୋଇଛି ସେ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଠିକାଦାରଙ୍କୁ ରାସ୍ତା ସମ୍ପର୍କରେ ପ୍ରଶ୍ନ କରାଯିବାରେ ଜେସିବି ଯିବା ଆସିବା କାରଣରୁ ଏଭଳି ଅବସ୍ଥା ହୋଇଥିବା କହିଛନ୍ତି। ହେଲେ ରାସ୍ତା ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଶୋଚନୀୟ ହୋଇଯାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ସାଧାରଣ ଲୋକ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହିତ କାର୍ଯ୍ୟର ତଦାରଖ କରିବାକୁ ଦାବି ହେଉଛି।

## ରାୟଗଡ଼ରେ ଖୋଲୁନି କପାମଣ୍ଡି

# କମ୍ ମୂଲ୍ୟରେ କିଣି ନେଉଛନ୍ତି ଆନ୍ଧ୍ର ବେପାରୀ

**ରାୟଗଡ଼, ୧୭ ।୩(ସମିସ):** ଦୀର୍ଘ ଦିନର ଦାବି ପରେ ଗଜପତି ଜିଲ୍ଲାରେ କପା ମଣ୍ଡି ଖୋଲିଛି। ହେଲେ କପା ଉତ୍ପାଦନ ହେଉଥିବା ଅଞ୍ଚଳ ବଦଳରେ ଏହାକୁ ପାରଳାଖେମୁଣ୍ଡିରେ ଖୋଲାଯାଇଛି। ଫଳରେ ମଣ୍ଡିକୁ କପା ଆଣିବା ପାଇଁ ପରିବହନ ବାବଦରେ ଯାହା ଖର୍ଚ୍ଚ ହେଉଛି ତାହା ଚାଷୀଙ୍କୁ ବେଶ୍ ବାଧୁଛି। ଏହାର ଫାଇଦା ନେଉଛନ୍ତି ଆନ୍ଧ୍ର ବ୍ୟବସାୟୀ। ସେମାନେ ଘର ସମ୍ମୁଖରୁ କପା ସଂଗ୍ରହ କରିବା ସହ ତୁରନ୍ତ ଟଙ୍କା ଦେଉଥିବାରୁ ଚାଷୀ ଆନ୍ଧ୍ର ବ୍ୟବସାୟୀଙ୍କୁ ଶାଗମାଛ ଦରରେ କପା ଦେବାକୁ ବାଧ ହେଉଛନ୍ତି।

ଗଜପତି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭରଶୀଳ। ପାରଳାଖେମୁଣ୍ଡି, କାଶୀନଗର ଏବଂ ଗୋଷାଣି ଅଞ୍ଚଳର ଚାଷୀ ଧାନ ଚାଷ କରିଥାନ୍ତି। ଗୁମ୍ମା, ରାୟଗଡ଼, ନୂଆଗଡ଼, ରା.ଉଦୟଗିରି ଏବଂ ମୋହନା ବ୍ଲକର କିଛି ଚାଷୀ ଧାନ ଚାଷ କରୁଥିବା ବେଳେ ଆଉ କିଛି ଚାଷୀ ପନିପରିବା, ମକା ଓ ଅନ୍ୟାନ୍ୟ ଚାଷ କରୁଛନ୍ତି। ପୂର୍ବରୁ ରାୟଗଡ଼ ବ୍ଲକର ଅଧିକାଂଶ ଚାଷୀ ପନିପରିବା ଚାଷ କରୁଥିଲେ। କିନ୍ତୁ ପ୍ରାୟ ୩୦ ବର୍ଷ ହେଲା ଏହି ଅଞ୍ଚଳର ଚାଷୀ କପା ଚାଷ କରୁଛନ୍ତି। କପା ଚାଷ ଆରମ୍ଭ ହେବା ଦିନ ଠାରୁ ଏହି ଅଞ୍ଚଳର କପା ଚାଷୀମାନେ ମଣ୍ଡି ଅଭାବର ଶିକାର ହେଉଛନ୍ତି। ପୂର୍ବରୁ ଗୁଣପୁରର ମଣ୍ଡି ଉପରେ ଏଠାକାର ଚାଷୀ ନିର୍ଭର କରୁଥିଲେ। ହେଲେ ବାରମ୍ବାର ଦାବି ପରେ ଗତ ଦୁଇ ବର୍ଷ ହେଲା ଗଜପତି ଜିଲ୍ଲାରେ କପା ମଣ୍ଡି ଆରମ୍ଭ ହୋଇଛି। କିନ୍ତୁ ଏହାକୁ ପାରଳାଖେମୁଣ୍ଡିରେ ରଖାଯାଇଛି। କପା ଉତ୍ପାଦିତ ଅଞ୍ଚଳ ଭାବେ ପରିଚିତ ରାୟଗଡ଼ରୁ କପା ମଣ୍ଡିକୁ ଆଣିବା ସମୟରେ ପରିବହନ ବାବଦରେ ଯାହା ଖର୍ଚ୍ଚ ହେଉଛି ତାହା ସେମାନଙ୍କ ପକେଟକୁ ବାଧୁଛି। ତେଣୁ ସେମାନେ କପା ମଣ୍ଡିକୁ ଆଣିବାରେ ବିଫଳ ହେଉଛନ୍ତି। ଏହାର ଫାଇଦା ନେଉଛନ୍ତି ଆନ୍ଧ୍ରର ବ୍ୟବସାୟୀ। ସେମାନେ ଗାଁରେ ପହଞ୍ଚି ଚାଷୀ ଘର ସମ୍ମୁଖରୁ ଚାଷୀଙ୍କଠାରୁ କପା ସଂଗ୍ରହ କରିବା ସହ ତୁରନ୍ତ ଟଙ୍କା ଦେଉଛନ୍ତି। ଏହି ସୁବିଧା ପାଉଥିବାରୁ କମ ଦରରେ ହେଉ ପଛେ ଉତ୍ପାଦିତ କପାକୁ ଆନ୍ଧ୍ର ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଥିବା ଚାଷୀ କହିଛନ୍ତି। ଗ୍ରାମବାସୀ ରାୟଗଡ଼ରେ କପା ମଣ୍ଡି ଖୋଲିବା ପାଇଁ ଦାବି କରିଛନ୍ତି। ଗୋଟିଏ ଅଞ୍ଚଳରେ କପା ଉତ୍ପାଦନ ହେଉଥିବା ବେଳେ ଆଉ ଗୋଟିଏ ସ୍ଥାନରେ କପା ମଣ୍ଡି ଖୋଲିବା ନିଷ୍ପତ୍ତି ନିଶ୍ଚିତ ଭାବେ ଚାଷୀଙ୍କୁ ପ୍ରଭାବିତ କରୁଛି। ସରକାରଙ୍କ ନିୟମ ଅନୁସାରେ ପାରଳାଖେମୁଣ୍ଡିରେ କପା ମଣ୍ଡି ଖୋଲାଯାଇଛି। ଏହି ଅଞ୍ଚଳରେ ଅଧିକ କପା ଚାଷ ହେଉଥିବା ବେଳେ ଚାଷୀ ହଇରାଣ ହେଉଥିବା କଥାକୁ ସ୍ୱୀକାର କରିବା ସହ ଏହି ଅଞ୍ଚଳରେ ମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଛି ବୋଲି ରାୟଗଡ଼ ବିଡିଓ ସୁଧୀର କୁମାର ସିଂ କହିଛନ୍ତି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଆସିଲେ ଏହି ଅଞ୍ଚଳରେ ମଧ୍ୟ ମଣ୍ଡି ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ସିଂ କହିଛନ୍ତି।



## ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

# ମତଦାନ ଲାଗି ୩୦୭୭ଟି ବୁଥ୍‌ର ବ୍ୟବସ୍ଥା

ବ୍ରହ୍ମପୁର/ଛତ୍ରପୁର, ୧୭ ।୩(ସମିସ):

ଗଞ୍ଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ହୋଇଛି। ଜିଲ୍ଲାର ବ୍ରହ୍ମପୁର ଓ ଆସିକା ଲୋକସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ହେବ। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଲୋକସଭାର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ କନ୍ଧମାଳ ଲୋକସଭାର ଭଞ୍ଜନଗର ଓ ଆସିକା ଲୋକସଭାର ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଓ ହିଞ୍ଜିଳି ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ କରିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଭୋଟର ମାନେ କିପରି ନିର୍ଭୟ ଭାବେ ନିଜ ନିଜ ମତ ଦାନ କରିପାରିବେ ସେଥି ନିମନ୍ତେ ସମସ୍ତ ପ୍ରକାର ସଚେତନ କରାଯାଉଛି। ନିର୍ବାଚନ କମିଶନରଙ୍କ ଗାଇଡ୍ ଲାଇନ ପ୍ରକାରେ ଆଚରଣ ବିଧିକୁ କଡାକଡି ଭାବେ ପାଳନ କରାଯିବା ସହ ସର୍ବସାଧାରଣ ସ୍ଥାନ ଗୁଡିକରେ ଥିବା ପୋଷ୍ଟର ଓ ବ୍ୟାନର ଗୁଡିକୁ ହଟାଇବା ଆରମ୍ଭ ହେଲାଣି। ବିଧାୟକ ପ୍ରାର୍ଥୀ ୪୦ ଲକ୍ଷ ଓ ସାଂସଦ ପ୍ରାର୍ଥୀ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ଏହି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଯେପରି ଖର୍ଚ୍ଚ କରିବେ କିପରି କେଉଁ ପଦ୍ଧତି ମାଧ୍ୟମରେ ଖର୍ଚ୍ଚର ହିସାବ ରଖାଯିବ ସେଥିପାଇଁ ମଧ୍ୟ କୁହାଯାଇଛି। ପ୍ରାର୍ଥୀ ତଥା ବିଭିନ୍ନ ରାଜନୈତିକ ଦଳ ଗୁଡିକ ନିର୍ବାଚନ ସମୟରେ ଯାନ ବାହାନ ଗୁଡିକ ପାସ ପାଇଁ ସୁବିଧା ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଏଥି ନିମନ୍ତେ ସିଙ୍ଗଲ ଉଇଣ୍ଡସେଲ ଖୋଲାଯାଇଛି। ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସହାୟତା ନିମନ୍ତେ ୧୯୫୦ ନମ୍ବର ହେଲ୍ପ ଲାଇନ ୨୪ ଘଣ୍ଟା ଉପଲବ୍ଧ କରାଯାଇଛି। ଏଥିଲାଗି କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଚଳିତ ନିର୍ବାଚନରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ଶଯ୍ୟାଶାୟୀ ଥିବା ଶତ ପ୍ରତିଶତ ଦିବ୍ୟାଙ୍ଗ ମାନଙ୍କ ପାଇଁ ଗୃହ ମତଦାନ ବ୍ୟବସ୍ଥା କରାଯାଇଛି। ଏଭଳି ବ୍ୟକ୍ତି ମାନଙ୍କ ଘରକୁ ଯାଇ ମତ ଦାନ



### ଶୃଙ୍ଖଳା ଅନୁଧ୍ୟାନ କରିବେ ବିଭିନ୍ନ ଟିମ୍

କରାଯିବ। ସେଥିପାଇଁ ପ୍ରିଜାଇଡିଂ ଓ ପୋଲିଙ୍ଗ ଅଧିକାରୀ, ପୁଲିସ ଓ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟ ମାନେ ଉପସ୍ଥିତ ରହି ମତଦାନ କରି ସିଲ କରାଯିବା ସହିତ ଭିଡିଓ ଗ୍ରାଫି କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଚଳିତ ନିର୍ବାଚନକୁ ମୁକ୍ତ ଅବାଧ କରିବା ଲାଗି ନିର୍ବାଚନ କମିଶନରଙ୍କ ସମସ୍ତ ନିୟମକୁ ପାଳନ କରି ଜିଲ୍ଲାରେ ସୁରୁଖୁରରେ ନିର୍ବାଚନ କରିବାକୁ କୁହାଯାଇଛି। ସି-ଭିଜିଲ ଆପ୍ଲିକେସନ ମଧ୍ୟ ଜନ ସାଧାରଣ ନିଜ ନିଜ ଆପତ୍ତି ଅଭିଯୋଗ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ପ୍ରଶାସନିକ ସ୍ତରରେ ଗଞ୍ଜାମ ଜିଲ୍ଲା ସାଧାରଣ ନିର୍ବାଚନ ପରିଚାଳନା ପାଇଁ ପ୍ରସ୍ତୁତ। ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ପରେ ବୈଠକ ହେଉଛି ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ବୈଠକ ହୋଇଥିବାବେଳେ ସାଧାରଣ ନିର୍ବାଚନ ଲାଗି ରବିବାର ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଅନ୍ୟପଟେ ପର୍ଯ୍ୟାୟ କ୍ରମେ ପୁଲିଂ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ତାଲିମ ମଧ୍ୟ ପ୍ରଦାନ କରାଯାଉଛି, ଜିଲ୍ଲାରେ ସର୍ବମୋଟ ୨୯ ଲକ୍ଷ ୭୧ ହଜାର ୨୨୭ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ୧୫ ଲକ୍ଷ ୩୧ ହଜାର ୬୬୦, ସେହିପରି ମହିଳା ଭୋଟରଙ୍କ ସଂଖ୍ୟା ୧୪ ଲକ୍ଷ, ୩୯ ହଜାର ୨୮୬ ରହିଥିବା ବେଳେ ତୃତୀୟ ଲିଙ୍ଗ ସଂଖ୍ୟା ୨୮୧, ଯୁବ ଭୋଟର ୬୫ ହଜାର ୮୦ ଜଣ ରହିଥିବା ବେଳେ ବରିଷ୍ଠ ନାଗରିକ ଭୋଟର ୨୨ ହଜାର ୪୯୭ ରହିଥିବା ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାରେ ସମୁଦାୟ ୩୦୭୭ ବୁଥର ବ୍ୟବସ୍ଥା ହୋଇଛି। ସେଥିରୁ ସଖି ବୁଥ ୪୨୪, ଯୁବ ପୁରୁଷ ବୁଥ ୩୯, ଦିବ୍ୟାଙ୍ଗ ବୁଥ ୧୩, ଇକୋ ଫ୍ରେଣ୍ଡଲି ବୁଥ ୧୩ଟି ରହିଥିବାବେଳେ ୧୨୬ଟି ଓଦର ମୋଡେଲ ବୁଥ କରାଯାଇଛି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ଜିଲ୍ଲାରେ ୩୬୯୨ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଯୁକ୍ତି କରାଯାଇଥିବାବେଳେ ୩୬୯୨ ଜଣ ଫାଷ୍ଟ ପୋଲିଂ ଅଧିକାରୀ, ୩୬୯୨ ଜଣ ସେକେଣ୍ଡ ପୋଲିଂ ଅଧିକାରୀ, ୩୬୯୨ ଜଣ ଥାର୍ଡ଼ ପୋଲିଂ ଅଧିକାରୀ, ୩୬୯୨ ଜଣ ଚତୁର୍ଥ ପୋଲିଂ ଅଧିକାରୀ, ୩୬୯୨ ଜଣ ୫ମ ପୋଲିଂ ଅଧିକାରୀ ଓ ୩୨୯ ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୪୩ଟି ଫ୍ଲାଇଙ୍ଗ ସ୍କ୍ୱାର୍ଡ, ୪୩ଟି ଷ୍ଟାଟିକ ସର୍ଭିଲେନ୍ସ ଟିମ, ୩୯ଟି ଭିଡିଓ ସର୍ଭିଲେନ୍ସ ଟିମ ଓ ୧୯ଟି ଆସିଷ୍ଟାଣ୍ଟ ଏକ୍ସପେଣ୍ଡିଚର ଅବଜର୍ଭର କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ହଟିଲା ହୋର୍ଡିଂ ଓ ପୋଷ୍ଟର



ଜଗନ୍ନାଥପ୍ରସାଦ, ୧୭ ।୩(ସମିସ): ଆଗକୁ ୨୦୨୪ ନିର୍ବାଚନ ପାଖେଇ ଆସୁଛି। ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନ ତାରିଖ ଘୋଷଣା କରିବା ପରେ ସାରା ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ତେଣୁ ନିର୍ବାଚନ କଟକଣା ପରେ ରାସ୍ତାରୁ ହଟିଲା ବ୍ୟନର ପୋଷ୍ଟର। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ଜଗନ୍ନାଥ ପ୍ରସାଦ ସହରର ସମେତ ବିଭିନ୍ନ ସ୍ଥାନରେ ଲାଗିଥିବା ଦଳୀୟ ବ୍ୟାନର, ପତାକା ଓ ପୋଷ୍ଟର ସବୁ ହଟେଇ ଦିଆଯାଇଛି। ଜଗନ୍ନାଥପ୍ରସାଦ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ଓ ଜଗନ୍ନାଥପ୍ରସାଦ ଥାନା ଟିମଙ୍କ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ଦଳୀୟ ପୋଷ୍ଟର ଓ ବ୍ୟାନରକୁ ହଟାଇ ଦିଆଯାଇଛି।



ସାନଖେମୁଣ୍ଡି, ୧୭ ।୩(ସମିସ): ନିର୍ବାଚନ କମିଶନର ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ରାଜ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ ହେବ। ତାରିଖ ଘୋଷଣା ସହ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି। ୨୪ ଘଣ୍ଟା ମଧ୍ୟରେ ସମସ୍ତ କାର୍ଯ୍ୟାଳୟ ପରିସରରୁ ହୋର୍ଡିଂ, ଲିଫଲେଟ୍, ପୋଷ୍ଟର ଓ ସରକାରୀ ଯୋଜନାର ବାର୍ତ୍ତା ହଟାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଦିଆଯିବା ପରେ ଏଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ହଟାଯାଉଛି। ସାନଖେମୁଣ୍ଡି ବ୍ଲକର ପାଟପୁର, ପଳାଶପୁର, ମହାନଳା, ରାଧଦେଇପୁର, ଅଞ୍ଚଳରେ ଶନିବାର ରାତିରେ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଥାନା ଏସ୍‌ଆଇ ସନ୍ତୋଷ କୁମାର ମିଶ୍ରଙ୍କ ସମେତ ତହସିଲ କର୍ମଚାରୀ ଓ ପୁଲିସ କର୍ମଚାରୀ ହୋର୍ଡିଂ ଓ ପୋଷ୍ଟର ହଟାଇଥିଲେ। ଏଥର ନିର୍ବାଚନ କମିଶନ ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ହେବ ବୋଲି ଘୋଷଣା କରିଛନ୍ତି। ଏହାପରେ ଏଭଳି ହୋର୍ଡିଂ ଓ ପୋଷ୍ଟର ହଟାଇବା କାମ ଆରମ୍ଭ ହୋଇଛି।

## ଗଞ୍ଜେଇ ସହ ସ୍କୁଟି ଜବତ, ଜଣେ ଗିରଫ



ଖଲ୍ଲିକୋଟ, ୧୭ ।୩(ସମିସ): ଖଲ୍ଲିକୋଟ ନିର୍ମଳଝର ନିକଟବର୍ତ୍ତୀ ମୁକୁନ୍ଦପୁର ଛକରୁ ରବିବାର ଭୋର ୩ଟା ବେଳେ ପୁଲିସ ପାଟ୍ରୋଲିଂ ବେଳେ ଚୋରା ଗଞ୍ଜେଇ ଜବତ କରିବା ସହ ଚାଲାଣକାରୀକୁ ଗିରଫ କରିଛି। କୋଦଳାରୁ ଖଲ୍ଲିକୋଟ ଆଡକୁ ଏକ ସ୍କୁଟି ନମ୍ବର ଓଡି୦୭ଏପି-୯୯୩୦ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ପୁଲିସ ସୂଚନା ପାଇଥିଲା। ଖବର ପାଇ ଏସଆଇ ପିଙ୍କିନି ପଟ୍ଟନାୟକ, ଏଏସଆଇ ଅନିଲ ଶବର, ହାବିଲଦାର ରମେଶ କୁମାର ରାଉତ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ମୁକୁନ୍ଦପୁର ଛକରେ ଚଢ଼ଉ କରି ଦୁଇଟି ଅଖାରେ ଥିବା ୨୫ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ସ୍କୁଟିକୁ ଜବତ କରିଥିଲେ। ଏହି ଘଟଣାରେ କୋଦଳା ପଣ୍ଡା ସାହିର ସୋନୁ ମୁନିକୁ ଗିରଫ କରିଥିଲେ। ଗଞ୍ଜେଇ ଖଲ୍ଲିକୋଟ ଷ୍ଟେସନ ଯାଇଥାନ୍ତା ଏବଂ ସେଠାରୁ ରାଜ୍ୟ ବାହାରକୁ ଚାଲାଣ ହୋଇଥାନ୍ତା ବୋଲି ଆଇଆଇସି ନରେଶ କୁମାର ସାହୁ କହିଛନ୍ତି। ଚଢ଼ଉବେଳେ ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଏନେଇ ଖଲ୍ଲିକୋଟ ଥାନା କେସନଂ(୨୨୦/୨୪) ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ସଚେତନତା ଶିବିର

ଧରାକୋଟ, ୧୭ ।୩(ସମିସ): ଧରାକୋଟ ସ୍ଥିତ କୃଷ୍ଣ ସିଂହ ପାଠାଗାର ଠାରେ ଏନ ଥ୍ରି ନିଉଟ୍ରିଏସନ ସେଣ୍ଟର ତରଫରୁ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମେଦବହୁଳତା ସମସ୍ତ ରୋଗର ମୁଖ୍ୟ କାରଣ ଯାହା ଦ୍ୱାରା ଆମେ ଆମର ଅଧିକ ଓଜନ ଯୋଗୁଁ ବହୁ ପ୍ରକାର ରୋଗର ସମ୍ମୁଖୀନ ହେଉ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ପୁଷ୍ଟିକର ଖାଦ୍ୟ ଆମ ସମସ୍ତଙ୍କ ପାଇଁ ଆବଶ୍ୟକ। ତେଣୁ ନିୟୁଟ୍ରିଏସନ ସେଣ୍ଟର ତରଫରୁ ପ୍ରତିଦିନ ମାଗଣା ବ୍ୟାୟାମ ଏବଂ ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦିଆଯାଉଛି। ଶିବିରରେ କେ ନବୀନ ଚକ୍ରବର୍ତ୍ତୀ, କେ କରିନା ସୁବୁଦ୍ଧି, ତାଲିମଦାତା ମୋନାଲିସା ପାତ୍ର, ସୁମତି ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନତା କରାଇଥିଲେ। ପିଙ୍କି ସ୍ୱାଇଁ ଓ ନମିତା ଦାସ ସହଯୋଗ କରିଥିଲେ।

## ଛତ୍ରପୁର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଛତ୍ରପୁର, ୧୭।୩(ସମିସ): ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଥାନା ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଛି। ସାଧାରଣ ନିର୍ବାଚନକୁ ସୁରୁଖୁରରେ ସମ୍ପାଦନ କରିବା ପାଇଁ ରବିବାର ସକାଳ ୯ଟାରେ ଛତ୍ରପର ଏସଡିପିଓ ଗୌରହରି ସାହୁ ଓ ଛତ୍ରପୁର ଥାନାଧିକାରୀ ନିରୋଦ କୁମାର ଦାସଙ୍କ ନେତୃତ୍ୱରେ ଛତ୍ରପୁର ଥାନାର ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡରୁ ବାହାରି ସହରର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରିଥିଲେ। ଶାନ୍ତିପୂର୍ଣ୍ଣ ଓ ଅବାଧ ନିର୍ବାଚନ ପାଇଁ ପୁଲିସ ପକ୍ଷରୁ ବହୁ ବୈଠକ ଓ ରଣନୀତି କରାଯାଇଛି, ବିଶେଷ କରି ପେସାଦାର ଅପରାଧୀ ଓ ଜେଲ ଫେରନ୍ତାଙ୍କ ଉପରେ କଡା ନଜର ରଖାଯାଇଛି।



## ଆମ ପୁଲିସ ଆନୁକୂଲ୍ୟରେ ୧୫୭ ୟୁନିଟ୍ ରକ୍ତ ସଂଗୃହୀତ



ଗଞ୍ଜାମ, ୧୭ ।୩(ସମିସ): ଗଞ୍ଜାମ ଥାନା ଆମ ପୁଲିସ ସମିତି ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ୧୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହାକୁ ଆଡିସନାଲ ଏସପି ଅଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଆଡିସନାଲ ଏସପି ରଞ୍ଜନ କୁମାର ପୃଷ୍ଟି, ଏସଡିପିଓ ଗୌରହରି ସାହୁ, ଡିଏସପି ସନ୍ତୋଷ କୁମାର ବାରିକି, ଗଞ୍ଜାମ ପୌରାଞ୍ଚଳ ନାଗରିକ ସଙ୍ଘ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ବିପ୍ର ଚରଣ ମହାପାତ୍ର, ଚମାଖଣ୍ଡି ଆଇଆଇସି ଦୀପିକା ରାୟ, ରମ୍ଭା ଆଇଆଇସି ସତ୍ୟବ୍ରତ ଭୂତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ପୋଇରାଶି ପଞ୍ଚାୟତ ତାରିଣୀପଲ୍ଲୀ ଗ୍ରାମର ଭିନ୍ନକ୍ଷମ ଶିକ୍ଷକ ରବୀନ୍ଦ୍ର କୁମାର ସେଠୀ ରକ୍ତଦାନ କରିଥିବାରୁ ଆଇଆଇସି ଶ୍ରୀମତୀ ପାତ୍ର ତାଙ୍କୁ ଉପହାର ପ୍ରଦାନ କରିଥିଲେ। ସେହିପରି ଡ୍ରାଇଭର ମହାସଙ୍ଘ ଉପସଭାପତି ଧରଣୀଧର ସାହୁ ଓ ତାଙ୍କ ପତ୍ନୀ କାମିନି ସାହୁ ଏକା ସହ ରକ୍ତଦାନ କରିଥିଲେ। ଏହାକୁ ଏସଆଇ ହୃଷିକେଶ ମିଶ୍ର, ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁପ୍ରଭା ସାହୁ, ଜି. ଅନନ୍ତ ରାଓ ସମେତ ସମସ୍ତ ପୁଲିସ କର୍ମଚାରୀ, ଯୁବନେତା ସୁଧୀର କୁମାର ପାଢ଼ୀ, ବଡ଼ ବଜାର ବଣିକ ସଙ୍ଘ ସଭାପତି ଗୌରୀ ଶଙ୍କର ବାରିକି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଭାଗ୍ୟ ରେଡି, ଓଡ଼ିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ବଟକୃଷ୍ଣ ରାଉଳ, କେ. ରଜନୀକାନ୍ତ, ଭରସା ସମ୍ପାଦକ ଦୁର୍ଗା ମାଧବ ପାଣିଗ୍ରାହି, ବିଦ୍ୟାଧର ପ୍ରଧାନ, ବିଭୁତି ପଲାଇ, ଆଶିଷ ମହାପାତ୍ର, ଋତୁରାଜ ମହାପାତ୍ର, କିରଣ ପଲାଇ, ଟୋନି ପଣ୍ଡା, ସଂଗ୍ରାମ ପଲାଇ, ସୁନିଲ ବାରିକ, ନଳିନୀକାନ୍ତ ଦାଶ, ରଙ୍କ ପଲାଇ, ସଞ୍ଜୟ ସ୍ୱାଇଁ, ଅଜୟ ବାରିକି, ଗଗନ ସ୍ୱାଇଁ ପ୍ରମୁଖଙ୍କ ସହ ଅନ୍ୟମାନେ ରକ୍ତଦାନ ଶିବିର ସୁପରିଚାଳନାରେ ସହଯୋଗ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ସାନଖେମୁଣ୍ଡି, ୧୭।୩ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ପି. ଜଗନ୍ନାଥପୁର ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ପାଟପୁର ଗ୍ରାମ ନିକଟ ଘୋଡ଼ାହାଡ ନଦୀରୁ ମହିଳା ଓ ପୁରୁଷ କଳସୀରେ ଜଳ ଧରି ଏକ ଶୋଭାଯାତ୍ରାରେ ପିଲକାଲୁଆ, ଭାଲ୍ୟାଖୋଳା, ସାମନ୍ତରାପୁର ଗ୍ରାମରେ ପହଞ୍ଚି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରୋହିତ୍ୟରେ ଏହି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଳଯାତ୍ରା, ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ, ସୋମବାର ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣବରଣ, ଶାଳା ସଂସ୍କାର, ମଣ୍ଡଳ ପୂଜା, ବୈଷ୍ଣବାଗ୍ନି ସ୍ଥାପନ, ମଙ୍ଗଳବାର ଦେବତାଙ୍କ ମହାସ୍ନାନ, ଶୟନ ଓ ରାତ୍ର ଜୀବନ୍ୟାସ, ବୁଧବାର ଦେବତା ନଗର ପରିକ୍ରମା, ଗୁରୁବାର ମଣ୍ଡଳ ପୂଜା, ଘୃତ ଯଜ୍ଞ ଓ ଜୀବ ନ୍ୟାସ, ପୂର୍ଣ୍ଣାହୁତି ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। କର୍ତ୍ତା ଭାବେ କଂସ ପ୍ରଧାନ, କାଳିଆ ବିଷୋୟୀ, ସୁବାସ ସ୍ୱାଇଁ, ନରି ବିଷୋୟୀ ଦାୟିତ୍ୱରେ ଥିବାବେଳେ ଜଗନ୍ନାଥପୁର ଗ୍ରାମବାସୀ ସହଯୋଗ କରୁଛନ୍ତି।

## ମୁନି ସଂଘର ବାର୍ଷିକ ସମ୍ମିଳନୀ

ଧରାକୋଟ, ୧୭।୩ (ସମିସ): ଧରାକୋଟ ବ୍ଲକର ସିଙ୍ଗିପୁର ସ୍ଥିତ ଧବଳେଶ୍ୱର ପୀଠରେ ଶିବ ସେବକ ମୁନି ସଂଘ ପକ୍ଷରୁ ବାର୍ଷିକ ସମ୍ମିଳନୀ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ତାଲୁକାର ସଭାପତି ପ୍ରକାଶ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲ୍ୟ ବିବାହ ରୋକିବା ଏବଂ ଯୌତୁକ ନିର୍ଯାତନା ଭଳି କୁପ୍ରଥା ରୋକିବା ଦିଗରେ ପଦକ୍ଷେପ ନିଆଯିବା ପାଇଁ ଆଲୋଚନା ହୋଇଥିଲା। କୁଳ ସମାଜର ସଂସ୍କାର ଓ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଯୁବ ପିଢିଙ୍କୁ ଅଧିକା ଦାୟିତ୍ୱ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଧରାକୋଟ ତାଲୁକା ସଭାପତି ପ୍ରକାଶ ମୁନୀ, କାର୍ଯ୍ୟକାରୀ ସଭାପତି ଡାକ୍ତର ମୁନୀ ଓ ଜିତେନ୍ଦ୍ର ମୁନୀ, ମୁଖ୍ୟ ଉପଦେଷ୍ଟା କାଲୁ ଚରଣ ମୁନୀ ଓ ବିଜୟ ମୁନୀ, ଉପସଭାପତି ତଥା କୁଳ ବେହେରା କାଳୀ ଚରଣ ମୁନୀ, ଭାସ୍କର ମୁନୀ, ସାଧାରଣ ସମ୍ପାଦକ ମଙ୍ଗୁଲୁ ମୁନୀ, ଉମାଚରଣ ମୁନୀ, ସୁରେନ୍ଦ୍ର ମୁନୀ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ବଡ଼ଗଡ଼ ତାଲୁକାର ସଭାପତି ଲଡ୍ଡୁ କିଶୋର ମୁନୀ, ଦୟାନିଧି ମୁନୀ, ନିତ୍ୟାନନ୍ଦ ମୁନୀ, ନରସିଂହ ମୁନୀ, ସନ୍ତୋଷ ମୁନୀ, ଭାସ୍କର ମୁନୀ, ବୁଲୁ ମୁନୀ ଓ ଗାନ୍ଧୀ ମୁନୀ ପ୍ରମୁଖ କର୍ମକର୍ତ୍ତା ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ।



**ଗ୍ରାମ୍ୟ ଜଳଯୋଗାଣରେ ଅବ୍ୟବସ୍ଥା**

## ଲୋକଙ୍କୁ ମିଳୁନି; ରାସ୍ତାରେ ଭାସୁଛି

ସୋରଡ଼ା, ୧୭ ।୩(ସମିସ):

ଗାଁ ଲୋକଙ୍କୁ ପାନୀୟ ଜଳ ଯୋଗାଣ ଲାଗି ବ୍ୟାପକ ପ୍ରକଳ୍ପ କରାଯିବା ସହ ନିୟମିତ ଯୋଗାଣ ହେଉଛି। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ କେଉଁଠି ରାସ୍ତାରେ ଭାସୁଛି ତ ପୁଣି କେଉଁଠି ପାଣି ପାଇଁ ମାଇଲ ଦୂରକୁ ଯିବାକୁ ପଡୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସୋରଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ। ଏନେଇ ବାରମ୍ବାର ଖବର ପ୍ରସାରଣ ଓ ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ ନା ମିଳୁଛି କିଛି ପ୍ରତିକାର ନା ହେଉଛି ସମାଧାନ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ସମନ୍ୱୟ ଅଭାବରେ ସବୁ ସୁବିଧା ଥାଇ ମଧ୍ୟ ନ ଥିବା ସଙ୍ଗେ ସମାନ।

ସୂଚନା ମୁତାବକ, ଏହି ବ୍ଲକରେ ଅନେକ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇ ପାଇପ୍ ଯୋଗେ ପ୍ରତ୍ୟେକ ପରିବାରକୁ ଜଳ ଯୋଗାଇ ଦିଆଯାଇଛି। ଏହାର ପରିଚାଳନା ଓ ତତ୍ତ୍ୱାବଧାନ ପଞ୍ଚାୟତ ଉପରେ ନ୍ୟସ୍ତ। କିନ୍ତୁ ପଞ୍ଚାୟତ ପ୍ରଶାସନ ଜଳ ଯୋଗାଣର ଦୁରୁପଯୋଗ କରୁଥିବା ଦେଖିବାକୁ ମିଳିଛି। କେଉଁଠି ଜଳ ଯୋଗାଣ ମୋଟର ଅହୋରାତ୍ର ଚାଲୁଛି ତ କେଉଁଠି ପାଣି ଗାଁ ଦାଣ୍ଡ ସାରା ଭାସୁଛି ଅଥବା କ୍ଷେତ ବାଡ଼ିରେ ବ୍ୟବହାର ହେଉଛି। ଅନ୍ୟ ପକ୍ଷରେ ଜଳଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ କିଛି ଗ୍ରାମରେ ଜଳ ପରିମଳ କମିଟି ଗଠନ ହୋଇଥିଲେ ସୁଦ୍ଧା ସେମାନଙ୍କୁ ପ୍ରୋତ୍ସାହନ ତ ଦୂରର କଥା ହତାଦର କରାଯାଉଛି। ଏଣୁ ପାଇପ୍ ଜଳ ଯୋଗାଣ ଥିବା ଗ୍ରାମ ମାନଙ୍କରେ ଜଳ ଭାସୁଥିବା ବେଳେ ଗାଁ ମାନଙ୍କରେ ପାଣି ଜମି ମଶା ଓ ମାଛି ମାନଙ୍କ ଦୌରାତ୍ମ୍ୟ ଓ ଛୋଟ ବଡ଼ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଗତ ସେପ୍ଟେମ୍ବରରୁ ତଥା ସାତ ମାସ ହେବ ଏହି ବ୍ଲକରେ ବର୍ଷା ନଥିବା ବେଳେ ଛୋଟ ଛୋଟ ଗ୍ରାମ, ବସତି, ମନ୍ଦିର ଛକ, ଯାତ୍ରୀ ବିଶ୍ରାମସ୍ଥଳ ଆଦି ମାନଙ୍କର ଅବସ୍ଥା କହିଲେ ନ ସରେ। ଛୋଟ ଛୋଟ ନାଳ, ଗାଡ଼ିଆ ଆଦି ମାନଙ୍କରେ ନିର୍ଭର କରିଚଳୁଥିବା ନିରୀହ ଆଦିବାସୀଙ୍କ ଅବସ୍ଥା ନ କହିବା ଭଲ। କାରଣ ପାଣି ଟିକିଏ ପାଇଁ ମାଇଲ ମାଇଲ ଦୂରକୁ ଯାଉଛନ୍ତି। ଏହା ସହିତ ଆଗାମୀ ମାସରେ ଗଞ୍ଜାମ ପ୍ରସିଦ୍ଧ ଦଣ୍ଡନାଚ, ଅନେକ ଠାକୁରାଣୀ ମନ୍ଦିର ମନ୍ଦିର ମାନଙ୍କରେ ଝାମୁ ଯାତ ବା ଚଇତ ଯାତ୍ରା ରହିଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପାଇପ୍ ଜଳ ଯୋଗାଣରେ ପଞ୍ଚାୟତକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବାବେଳେ ଅନ୍ୟ ସ୍ଥାନମାନଙ୍କରେ ନଳକୂପ ଖନନ ପାଇଁ ନିର୍ଦ୍ଦେଶ ଆସିଥିଲେ ସୁଦ୍ଧା ନଳକୂପ ଖନନକାରୀ ସଂସ୍ଥା ଓ ବିଭାଗ କର୍ତ୍ତୃପକ୍ଷଙ୍କ ତାଳମେଳ ଅଭାବରୁ ବହୁଦିନ ହେବ ଜଳାଭାବର ଶୋଷିତ ହେଉଛନ୍ତି ନିରୀହ ଗରିବ ଜନସାଧାରଣ। ତେବେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



## କନ୍ଧମାଳ ଜିଲ୍ଲାରେ ମେ ୨୦ରେ ଭୋଟ

# ମତାଧିକାର ସାବ୍ୟସ୍ତ କରିବେ ୫, ୬୮, ୯୬୧ ଭୋଟର

**ଫୁଲବାଣୀ, ୧୭।୩(ସମିସ):** ମୁଖ୍ୟ ନିର୍ବାଚନ କମିଶନର ଶନିବାର ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ରବିବାର ଜିଲ୍ଲାର ତିନି ବିଧାନସଭା ନିର୍ବାଚନମଣ୍ଡଳୀ ୮୨-ବାଲିଗୁଡ଼ା, ୮୩ - ଜି. ଉଦୟଗିରି ଓ ୮୪-ଫୁଲବାଣୀ ପାଇଁ ନିର୍ବାଚନସୂଚୀ ଘୋଷଣା କରିଛନ୍ତି। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ମେ ୨୦ ତାରିଖରେ ଏହି ତିନୋଟି ସ୍ଥାନରେ ମତଦାନ ହେବ। ମେ ୩ ତାରିଖ ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିବସ ରହିଥିବା ବେଳେ ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୬ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ କନ୍ଧମାଳ ଜିଲ୍ଲାର ଜନସଂଖ୍ୟା ୮ ଲକ୍ଷ ୪୦୨୮ ଥିବା ବେଳେ ୫, ୬୮, ୯୬୧ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୨, ୭୪, ୮୩୮ ଥିବାବେଳେ ମହିଳାଙ୍କ ସଂଖ୍ୟା ୨, ୯୪, ୦୫୦ ରହିଛି। ସେହିଭଳି ୧୧, ୨୪୮ ଭିନ୍ନକ୍ଷମ ଓ ୭୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ୧୮ରୁ ୩୫ ବର୍ଷ ବୟସର ୧୪, ୩୩୦ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଛି। ଜିଲ୍ଲାରେ ୩୮୫୨ ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଭୋଟର ଚଳିତ ଥର ନିଜର ମତାଧିକାର ସାବ୍ୟସ୍ତ କରିବେ। ମତଦାନ ପାଇଁ ଜିଲ୍ଲାରେ ସମୁଦାୟ ୬୫୯ ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ବାଲିଗୁଡ଼ାରେ ୧୭୮, ଜି.ଉଦୟଗିରିରେ ୨୫୧ ଓ ଫୁଲବାଣୀରେ ୨୩୦ ବୁଥ୍ ରହିଛି। ଚଳିତ ନିର୍ବାଚନରେ ୭୫ଟି ସଖୀ ବୁଥ୍ ଖୋଲାଯିବ। ଏହି ବୁଥ କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ସେଭଳି ୧୫ଟି ବୁଥକୁ ୧୮ରୁ ୩୫ ବର୍ଷର ଯୁବ ଅଧିକାରୀ ପରିଚାଳନା କରିବେ। ମତଦାନ ପରିଚାଳନା ପାଇଁ ୪, ୭୪୦ ଜଣ ସରକାରୀ କର୍ମଚାରୀ ନିୟୋଜିତ ହେବେ। ସେମାନଙ୍କ ମଧ୍ୟରେ ୫୪୬ ମହିଳା କର୍ମଚାରୀ ଅଛନ୍ତି। ଜିଲ୍ଲାର ୪ଟି ସ୍ଥାନରେ ଏହି କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ ଜାରି ରହିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବାଲିଗୁଡ଼ା ଆସନ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ ହେବାକୁ ଥିବା ବେଳେ ଜି.ଉଦୟଗିରି ଆସନ ପାଇଁ ବାଲିଗୁଡା ଆଇଟିଡିଏ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରାଯିବ। ସେହିଭଳି ଫୁଲବାଣୀ ଆସନ ପାଇଁ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ ହେବ। କନ୍ଧମାଳ ଲୋକସଭା ଆସନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ ହେବ ବୋଲି ସୂଚନା ଦିଆଯାଇଛି। ବାଲିଗୁଡ଼ା ପାଇଁ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ଜି.ଉଦୟଗିରି ପାଇଁ ବାଲିଗୁଡା ଆଦିବାସୀ କଲେଜ ଏବଂ ଫୁଲବାଣୀ ପାଇଁ ସ୍ଥାନୀୟ ସରକାରୀ ପଲିଟେକନିକ କଲେଜରେ ଏକକାଳୀନ ମତଗଣନା କରାଯିବ। ନିର୍ବାଚନ ତାରିଖ ଘୋଷଣା ସହିତ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଥିବା ବେଳେ ନିର୍ବାଚନ ସମୟରେ ଏହାର ଉଲ୍ଲଂଘନ ସମ୍ପର୍କିତ ଯେ କୌଣସି ଅଭିଯୋଗ ଟୋଲ ଫ୍ରି ନମ୍ବର ୧୯୫୦ ମାଧ୍ୟମରେ ଦାଖଲ କରାଯାଇ ପାରିବ ବୋଲି ସୂଚନା ଦିଆଯାଇଛି। ସେହିଭଳି ସି-ଭିଜିଲ ଆପ୍ ମାଧ୍ୟମରେ ମଧ୍ୟ ଜନସାଧାରଣ ଓ ରାଜନୈତିକ ଦଳ ଅଭିଯୋଗ ଦାଖଲ କରିପାରିବେ। ତେବେ ନୂତନ ଭୋଟରଙ୍କ ପଞ୍ଜୀକରଣ ସଂଶୋଧନ ମତଦାନ ତାରିଖର ଦଶଦିନ ପୂର୍ବ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ନିର୍ବାଚନ ସୂଚାରୁ ଭାବେ ପରିଚାଳନା ପାଇଁ ବିଭିନ୍ନ ସ୍କ୍ୱାଡ୍ ଗଠନ କରାଯାଇଛି। ଇତି ମଧ୍ୟରେ ସମସ୍ତ ମତଦାନ କେନ୍ଦ୍ର ନିରୀକ୍ଷଣ ସହ ଆବଶ୍ୟକ ବ୍ୟବସ୍ଥା ସରିଥିବା କୁହାଯାଇଛି। ସାଧାରଣ ନିର୍ବାଚନ ସୂଚାରୁ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ପାଇଁ ଜିଲ୍ଲାପାଳ ଜନସାଧାରଣ ଓ ଗଣମାଧ୍ୟମର ସହଯୋଗ ପାଇଁ ନିବେଦନ କରିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ନିର୍ବାଚନ ଅଧିକାରୀ ମାଲେଶ୍ୱର ପାତ୍ର, ରମେଶ ଚନ୍ଦ୍ର ଜେନା ଓ ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତ ରଞ୍ଜନ ମହନ୍ତ ଉପସ୍ଥିତ ଥିଲେ।

### ● ମତଦାନ ଲାଗି ୬୫୯ ବୁଥ୍ ପ୍ରସ୍ତୁତ

## ■ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଟିମ୍ ଗଠିତ

# ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ପାଇଁ ପ୍ରଶାସନ ପ୍ରସ୍ତୁତ

### ● ଗଜପତି ଜିଲ୍ଲାରେ ୫୭୩ଟି ମତଦାନ କେନ୍ଦ୍ର




**ପାରଳାଖେମୁଣ୍ଡି, ୧୭।୩ (ସମିସ):** ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ରବିବାର ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଯୋଗଦେଇ ଜିଲ୍ଲାରେ ୪ ଲକ୍ଷ ୫୯ ହଜାର ୨୨୮ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୨୪ ହଜାର ୪୦୫ ପୁରୁଷ ଓ ୨ ଲକ୍ଷ ୩୪ ହଜାର ୭୯୯ ଜଣ ମହିଳା ଭୋଟର ରହିଛନ୍ତି ଓ ତୃତୀୟ ଲିଙ୍ଗ-୨୪ ଜଣ ରହିଛନ୍ତି ବୋଲି କହିଥିଲେ। ଏହାସହିତ ୨୫୪୦ ଜଣ ବରିଷ୍ଠ ନାଗରିକ, ୧୦୩୭୬ ଭିନ୍ନକ୍ଷମ ଭୋଟର ରହିଛନ୍ତି। ଜିଲ୍ଲାରେ ନିର୍ବାଚନ ଆଚରଣବିଧି ଲାଗୁ ହେବା ସହିତ ଏହାକୁ ତଦାରଖ କରିବା ପାଇଁ ବିଭିନ୍ନ ଟିମ୍ ଗଠନ କରାଯାଇଛି। ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ନିର୍ବାଚନ ନିମନ୍ତେ ଜିଲ୍ଲାରେ ୫୭୩ଟି ମତଦାନ କେନ୍ଦ୍ର କରାଯାଇଛି। ବିଶେଷ କରି ମୋହନା ନିର୍ବାଚନମଣ୍ଡଳୀରେ ୨୯୭ ବୁଥ୍ ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୭୬ ବୁଥ୍ ରହିଛି। ଏହା ସହିତ ବୟସ୍କ ଭୋଟର ଓ ଭିନ୍ନକ୍ଷମ ଭୋଟର କିପରି ସୁବିଧାରେ ନିଜର ମତଦାନ କରିବେ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ଜିଲ୍ଲାପାଳ ଶ୍ରୀ ପ୍ରଧାନ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଗଜପତି ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ.ଗୁଣାନିଧି ନାୟକ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଡେପୁଟୀ କଲେକ୍ଟର କମଳକାନ୍ତ ପଣ୍ଡା ଉପସ୍ଥିତ ଥିଲେ।

# ହଟିଲା ସରକାରୀ ହୋର୍ଡିଂ



**ବେଲଗୁଣ୍ଠା, ୧୭।୩(ସମିସ):** ଆସନ୍ତା ମେ ଓ ଜୁନ୍ ମାସରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଶନିବାରଠାରୁ ଲାଗୁ ହୋଇଛି ଆଦର୍ଶ ଆଚରଣବିଧି। ଏହି ଅବସରରେ ବିଭିନ୍ନ ସରକାରୀ ବିଜ୍ଞାପନ, ହୋର୍ଡିଂ, ସରକାରୀ ଯୋଜନା ପ୍ରଚାର ଓ ପ୍ରସାର କରାଯାଇପାରିବ ନାହିଁ ବୋଲି ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ବେଲଗୁଣ୍ଠା ସହର, ତନରଡ଼ା ଏବଂ ଅନ୍ୟ ସ୍ଥାନରେ ଲାଗିଥିବା ବିଭିନ୍ନ ସରକାରୀ ବିଜ୍ଞାପନ ହଟାଇଥିବା ଜଣାପଡ଼ିଛି। ଥାନାଧିକାରୀ ଶ୍ରୀ ପ୍ରଧାନଙ୍କ ସମେତ ସେକେଣ୍ଡ ଅଫିସର ଅଭୟ ପ୍ରଧାନ ଓ ଅନ୍ୟାନ୍ୟ ଅଧିକାରୀ, ତହସିଲ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ପ୍ରାୟ ୧୦ରୁ ୧୫ ବିଜ୍ଞାପନ ହୋର୍ଡିଂ ଗୁଡ଼ିକୁ ହଟାଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବିଭିନ୍ନ ଦିଗ ଉପରେ ତୀକ୍ଷ୍ଣ ଦୃଷ୍ଟି ରହିଛି ବୋଲି ଥାନାଧିକାରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ପୁରୁଟିଗୁଡ଼ା ଗ୍ରାମବାସୀ

### ■ ଦାବି ପୂରଣ ନ ହେଲେ ଭୋଟ୍ ବର୍ଜନ ଚେତାବନୀ



**ରାମନାଗୁଡ଼ା,୧୭।୩(ସମିସ):** ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ରାୟଗଡ଼ା ଜିଲ୍ଲା ଗୁଣୁପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାମନାଗୁଡ଼ା ବ୍ଲକର ପାରୀକ୍ଷିତି ପଞ୍ଚାୟତ ଅଧୀନରେ ଥିବା ପୁରୁଟିଗୁଡ଼ା ଗ୍ରାମବାସୀ। ଏଠାରେ ବାସ କରନ୍ତି ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା। ସେମାନଙ୍କ ମଧ୍ୟରୁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଅଧ୍ୟୟନ କରୁଛନ୍ତି ପାଖାପାଖି ୨୦ରୁ ୨୫ ଜଣ ଛାତ୍ରଛାତ୍ରୀ। ଏହି ଗ୍ରାମଟି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ଦୁଇ କିଲୋମିଟର ଦୂର ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୧ କିଲୋମିଟର ଦୂରତା ହେବ। ଦୁର୍ଭାଗ୍ୟର କଥା ହେଲା ଉକ୍ତ ଗ୍ରାମଟି ଏତେ ନିକଟରେ ଥାଇ ମଧ୍ୟ ବିଭିନ୍ନ ସମସ୍ୟାରୁ ମୁକୁଳି ପାରୁନି ଏହି ଗ୍ରାମ। ଏହି ଗାଁର ଶବର ସମ୍ପ୍ରଦାୟର ଲୋକମାନେ ଚାଷବାସ କରିବା ସହିତ ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଏହି ଗ୍ରାମକୁ ଯିବା ପାଇଁ ଭଲ ପକ୍କା ରାସ୍ତାଟିଏ ନାହିଁ କି ଗ୍ରାମକୁ ସଂଯୋଗ କରିବା ପାଇଁ ଭଲ ପୋଲଟିଏ ନାହିଁ। ଏହି ଗ୍ରାମର ସମସ୍ୟା ସମ୍ପର୍କରେ ବିଗତ ଦିନମାନଙ୍କରେ ବାରମ୍ବାର ଖବର ପ୍ରସାରଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନା ପ୍ରଶାସନର ଦୃଷ୍ଟି ପଡ଼ିଲା ନା ନେତା ମନ୍ତ୍ରୀଙ୍କ ନିଦ ଭାଙ୍ଗିଲା। କେବଳ ନିର୍ବାଚନ ସମୟ ଆସିଲେ ଏହି ଗାଁ କଥା ସମସ୍ତଙ୍କୁ ମନେ ପଡ଼େ। ନିର୍ବାଚନ ପୂର୍ବରୁ ପୁରୁଟିଗୁଡ଼ା ଗ୍ରାମର ସମସ୍ୟା ଦୂର ନ ହୁଏ ତାହେଲେ ଗ୍ରାମବାସୀ ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

### ■ କେନାଲକୁ ଜବରଦଖଲ

# କନିଷ୍ଠ ଯନ୍ତ୍ରୀଙ୍କୁ ରିପୋର୍ଟ ମାଗିଲେ ଏସ୍‌ଡିଓ



**ମୁନିଗୁଡ଼ା,୧୭।୩(ସମିସ):** କେନାଲ ଉପରେ ବେଆଇନ ଜବରଦଖଲ ପ୍ରସଙ୍ଗରେ କନିଷ୍ଠ ଯନ୍ତ୍ରୀଙ୍କୁ ରିପୋର୍ଟ ମାଗିଲେ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ମିଶ୍ର। ଆଦିବାସୀ ଅଧ୍ୟୁଷିତ ମୁନିଗୁଡ଼ା ଆଖପାଖ ଅଞ୍ଚଳର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁନିଖୋଲ ପଞ୍ଚାୟତ ଶକଟାଠାରେ ଲକ୍ଷାଧିକ ଟଙ୍କାର ଡ୍ୟାମ୍ ନିର୍ମାଣ କରାଯାଇ ଚାଷୀଙ୍କ ଜମିକୁ ଜଳସେଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଲକ୍ଷାଧିକ ଟଙ୍କା ବ୍ୟୟରେ ଡ୍ୟାମ୍ ନିର୍ମାଣ କରାଯାଇ କେନାଲ ମାଧ୍ୟମରେ ଟିକରପଡ଼ା ଦେଇ ବାହାଲପଦ୍ମପୁର, ମୁନିଖୋଲ, ମୁନିଗୁଡ଼ା, ଲିଟିଗୁଡ଼ା, ଗୋବର୍ଦ୍ଧନ ଅଞ୍ଚଳର ଚାଷଜମିକୁ ଜଳସେଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଦୀର୍ଘ ବର୍ଷ ହେବ ଅଞ୍ଚଳର କିଛି ଲୋକ ଉକ୍ତ କେନାଲ ଉପରେ ବେଆଇନ ଭାବେ କେନାଲକୁ ଜବରଦଖଲ କରି ବଡ଼ ବଡ଼ କୋଠା ଓ ଏକ ବିଦେଶୀ ମଦ ବାର୍ କେନାଲ ଉପରେ ନିର୍ମାଣ ଫଳରେ କେନାଲ ପୋତି ହୋଇ ପଡ଼ିଥିବା ଯୋଗୁଁ ଚାଷଜମିକୁ ଆଉ ପାଣି ମାଡୁନାହିଁ। ଫଳରେ ଏକର ଏକର ଚାଷଜମିରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଚାଷୀମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଚାଷୀ ସତ୍ୟମ ସ୍ୱାଇଁ, ଉଦ୍ଧବ ଗୁଲା, ବିଭୀଷଣ ଗୁଲା, ତ୍ରିଲୋଚନ, ନରେନ୍ଦ୍ର ହିଆଲ, ଦଇତାରୀ କୌଶିକ, ଜଳନ୍ଧର ଚାମ, ବି.ଅନନ୍ତ ନାୟକ, ସତ୍ୟ ନାରାୟଣ ପାଣି, ପଞ୍ଚାୟତ ସଭାପତି କରୁଣାକର ନାୟକ, ସୁଦର୍ଶନ ମାର୍ଥା, ସୋମନାଥ ମାର୍ଥା, ତ୍ରିନାଥ ରହ୍ମାଲୁ, ଦେବରାଜ ପାଣି, ଅଭିରାମ ପାଳକିଆ, ରାମ କାଡ୍ରାକା, ଭାସ୍କର କାଡ୍ରାକା ପ୍ରମୁଖ ଅଭିଯୋଗ କରିବା ସହ ଦୀର୍ଘଦିନ ଧରି ପ୍ରଶାସନର ନିଷ୍ପତ୍ତିକୁ ଚାହିଁ ବସିଥିବାବେଳେ ଖବର ପ୍ରସାରଣ ପରେ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଉକ୍ତ ସମସ୍ୟା ବିଷୟରେ ରିପୋର୍ଟ ତଲବ କରିଥିବା ସୂଚନା ମିଳିଛି। ସୂଚନା ଥାଉକି, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗ ଦ୍ୱାରା ଶକଟାଠାରୁ ଆରମ୍ଭ ହୋଇଥିବା କେନାଲ ଜମିର ପରିମାଣ ୨୫ ଏକରରୁ ଊର୍ଦ୍ଧ୍ୱ ଥିବାବେଳେ କେନାଲର ଉଭୟ ପାର୍ଶ୍ୱରେ ୩୦ ଫୁଟରୁ ଅଧିକ ଜମି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗ ନାମରେ ରହିଛି। ତେବେ ଚାଷୀମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ବିଭାଗ ପକ୍ଷରୁ ଜମି ବିଭାଜନ କରିବା ସହ ଉକ୍ତ ବେଆଇନ ଜବରଦଖଲକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଞ୍ଚଳବାସୀ।

# ସୁନାବେଡ଼ାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ



**ସୁନାବେଡ଼ା,୧୬।୩(ସମିସ):** କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରଘୁରାମ ପାଡ଼ାଲଙ୍କ ଦ୍ୱାରା ସୁନାବେଡ଼ା ଗଞ୍ଜାମ କଲୋନୀ ସ୍ଥିତ ଆମ୍ବେଦକର କ୍ଲବର କମ୍ୟୁନିଟି ହଲ୍, ଦୁର୍ଗା ମନ୍ଦିର ଏବଂ ଚର୍ଚ୍ଚ ଉଦଘାଟିତ ହୋଇଯାଇଛି। ପ୍ରତ୍ୟେକ ପ୍ରକଳ୍ପ ନିର୍ମାଣ ନିମନ୍ତେ ବିଧାୟକଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଉପସ୍ଥିତ ଥିଲେ।

# ଗୁଡ଼ାରୀ ବ୍ରାହ୍ମଣ ସମାଜର ବୈଠକ



**ଗୁଡ଼ାରୀ,୧୭।୩(ସମିସ):** ରବିବାର ଗୁଡ଼ାରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଡ଼ାରୀରେ ଦୀର୍ଘ୍ୟ ୫ ବର୍ଷ ଧରି ବ୍ରାହ୍ମଣ ସମାଜ ଗଠନ ହୋଇଥିଲେ ମଧ୍ୟ ଏହା ସୁଚାରୁ ରୂପେ ପରିଚାଳିତ ହୋଇପାରୁ ନ ଥିବାରୁ ରବିବାର ବୈଠକରେ ନୂତନ ଭାବରେ ଏକ କାମଚଳା କମିଟି ଗଠନ କରାଯାଇଛି। ଏହି କମିଟିରେ ୧୦ ଜଣ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନେ ପ୍ରତ୍ୟେକ ସାହିର ବ୍ରାହ୍ମଣ ଘରକୁ ଯାଇ ବ୍ରାହ୍ମଣ ସମାଜ ଗଠନ ବିଷୟରେ ଅବଗତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ବୈଠକରେ ସମସ୍ତ ବ୍ରାହ୍ମଣ ସମାଜର ନିଷ୍ପତ୍ତି କ୍ରମେ ନୂତନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ ପୁରୋହିତ ସୁଧାକର ନନ୍ଦ। ଅବସରପ୍ରାପ୍ତ ଶିକ୍ଷକ ଗୌରୀଶଙ୍କର ମିଶ୍ର କାର୍ଯ୍ୟକ୍ରମକୁ ସମ୍ପାଦନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନବାଡ଼ିରେ ପୋଷଣ ପକ୍ଷ ପାଳନ



**ମୁକୁନ୍ଦପୁର,୧୭।୩(ସମିସ)** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଅନ୍ତର୍ଗତ ଭାଗୁଡ଼ି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରଠାରେ ପୋଷଣ ପକ୍ଷ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ସୁପରଭାଇଜର ଲଙ୍କେଶ୍ୱରୀ ପଟ୍ଟନାୟକ ଉପସ୍ଥିତ ଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ପୋଷଣ ଖାଦ୍ୟ ଗ୍ରହଣ ସମ୍ବନ୍ଧରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଗୁଡ଼ି ଅଙ୍ଗନବାଡ଼ି କର୍ମୀ କୁମ୍ବେ କଣ୍ଡାଗରୀ, ଖମ୍ବେସୀ ଅଙ୍ଗନବାଡ଼ି କର୍ମୀ ରାସେ ଦରା, ବାଙ୍କୀଲି ଅଙ୍ଗନବାଡ଼ି କର୍ମୀ କଳ୍ପନା ତାଡ଼ିଙ୍ଗି, କାଙ୍କୁବାଡ଼ି ଅଙ୍ଗନବାଡ଼ି କର୍ମୀ ଉର୍ମିଳା ଆଶ୍ଚର୍ଯ୍ୟ, ସୁନ୍ଦରମତି ଅଙ୍ଗନବାଡ଼ି କର୍ମୀ ଉର୍ମିଳା ଚିନ୍ତାଡ଼ା, ସୁରୁଡ଼ା ଅଙ୍ଗନବାଡ଼ି କର୍ମୀ ଚମ୍ପାବତୀ କଣ୍ଡାଗରୀ, ଲେଦିରି ଅଙ୍ଗନବାଡ଼ି କର୍ମୀ ଦେଇ କଣ୍ଡାଗରୀ, ପୁଡାପାଇ ଅଙ୍ଗନବାଡ଼ି କର୍ମୀ ଜାତିରି କଣ୍ଡାଗରୀ, ବେଥିୟାପଡ଼ା ଅଙ୍ଗନବାଡ଼ି କର୍ମୀ ଡଲି ମେଲେକା, ସୁପରଭାଇଜର ଲଙ୍କେଶ୍ୱରୀ ଗର୍ଭବତୀ ମାଆମାନଙ୍କୁ ପୋଷଣ ଖାଦ୍ୟ ମାଣ୍ଡିଆ, ମୁଗ, ମୂଳା, ମୁନିଙ୍ଗା, ପଣସ, ଶାଗ, ବିଭିନ୍ନ ପନିପରିବା ଖାଇବା ବିଷୟରେ ବୁଝାଉଥିବା ଦେଖିବାକୁ ମିଳିଥିଲା।

## ଡିଜେଲ୍ ଚୋର ଗ୍ୟାଙ୍ଗକୁ କାବୁକଲା ଅମ୍ବାଦଲା ପୁଲିସ

# ୩୧୭ ଲିଟର ଡିଜେଲ୍ ସହ କାର୍ ଜବତ; ୩ ଗିରଫ



**ମୁନିଗୁଡ଼ା,୧୭।୩(ସମିସ)** ଡିଜେଲ ଚୋର ଗ୍ୟାଙ୍ଗକୁ କାବୁ କରିବାରେ ରାୟଗଡ଼ା ଜିଲ୍ଲା ଅମ୍ବାଦଲା ପୁଲିସକୁ ମିଳିଛି ବଡ଼ ସଫଳତା। ୩୧୭ ଲିଟର ଡିଜେଲ ଓ ଏକ କାର୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଚୋରଙ୍କ ମଧ୍ୟରେ ଜଣେ ମୁନିଗୁଡ଼ା ଥାନା ଅଧୀନସ୍ଥ ଛେଳିଆନାଳ ଗ୍ରାମର ମଣ୍ଟୁ ମହାନନ୍ଦିଆ ଓ ଅନ୍ୟ ଦୁଇ ଜଣ ଚୋରି ଡିଜେଲ କିଣିଥିବା ଅମ୍ବାଦଲା ଥାନା ଅଧୀନସ୍ଥ ଡାକଭଟା ଗ୍ରାମର ବୃନ୍ଦାବନ ସୁନା ଓ ଅଜୟ ସୁନା ବୋଲି ଜଣାପଡ଼ିଛି।

ଦୀର୍ଘଦିନ ଧରି ଅମ୍ବାଦଲା ଥାନା ଅଞ୍ଚଳରେ ଡିଜେଲ ଚୋରି ଗ୍ୟାଙ୍ଗର ଚାଲିଥିଲା ଆତଙ୍କରାଜ। ରାଜରାସ୍ତାରେ ଅଟକି ରହୁଥିବା ଚାରିଚକିଆ ଯାନରୁ ଡିଜେଲ ଚୋରାଇ ନେଉଥିଲେ ଏହି ଗ୍ୟାଙ୍ଗ୍। ଟ୍ରକ୍ ଡ୍ରାଇଭରମାନଙ୍କ ଅଭିଯୋଗ ପରେ ପୁଲିସ ପକ୍ଷରୁ ଅନେକ ଥର ଚଢ଼ଉ ହେଉଥିଲେ ସୁଦ୍ଧା ଖାତିର୍ ନ କରି ଚୋରି କାର୍ଯ୍ୟ ଜାରି ରଖିଥିଲା ଏହି ଗ୍ୟାଙ୍ଗ୍। ହେଲେ ଚୋର ଘର ସବୁବେଳେ ଅନ୍ଧାର ନ ଥିବା ଭଳି ଅମ୍ବାଦଲା ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ କଳ୍ପନା ବେହେରା ଡିଜେଲ୍ ଚୋରଙ୍କୁ ଧରିବା ପାଇଁ ଜାଲ ବିଛାଇବା ସହ ଚୋରଙ୍କୁ ଧରିବାରେ ସଫଳ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ଡିଜେଲ ଚୋରମାନଙ୍କୁ ଧରିବା ପାଇଁ ଅମ୍ବାଦଲା ଥାନା ଆଇଆଇସି ଏକ ଟିମ୍ ଗଠନ କରି ଛକି ବସିଥିଲେ। ଚୋର ଗ୍ୟାଙ୍ଗ୍ ରାସ୍ତାକଡ଼ରେ ଅଟକି ରହିଥିବା ଚାରିଚକିଆ ଯାନଗୁଡ଼ିକରୁ ଡିଜେଲ ଚୋରି କରୁଥିବାବେଳେ ପୁଲିସ ଉକ୍ତ ଗ୍ୟାଙ୍ଗ୍ ଉପରେ ଚଢ଼ଉ କରି ସେମାନଙ୍କୁ କାବୁ କରିଥିଲେ। ଚୋରି ଡିଜେଲ କିଣିଥିବା ଲୋକଙ୍କ ସହିତ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଏମାନଙ୍କ ନିକଟରୁ ୩୧୭ ଲିଟର ଡିଜେଲ, ଏକ କାର୍, ୩ଟି ମୋବାଇଲ୍ ସହ ୬୯୯୦ ଟଙ୍କା ଜବତ କରିଛି ପୁଲିସ। ଏହି ଚଢ଼ଉବେଳେ ଅମ୍ବାଦଲା ପୁଲିସ ପକ୍ଷରୁ ଏଏସଆଇ ଉର୍ମିଳା ସେଠୀ, ଏସଆଇ ରାମ ଶଙ୍କର ବାଗ, କନଷ୍ଟେବଲ ସନ୍ତୋଷ ଦୋରା, ଓଏପିଏଫ୍ ହେମନ୍ତ କାଣ୍ଡମାକାଙ୍କ ସମେତ ପୁଲିସ ଟିମ୍ ଉପସ୍ଥିତ ଥିଲେ। ଡିଜେଲ ଚୋରକୁ ଧରି ପଚରାଉଚରା କଲା ପରେ ଏଥିରେ ଅନେକ ଜଣ ସମ୍ପୃକ୍ତ ଥିବା ପୁଲିସ ପକ୍ଷରୁ ସୂଚନା ମିଳିଥିବାବେଳେ ଅନ୍ୟମାନେ ଫେରାର୍ ଅଛନ୍ତି। ଅମ୍ବାଦଲା ପୁଲିସ ତିନି ଜଣଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ତଦନ୍ତ ଜାରି ରହିଛି।

